ଧରିତ୍ରୀ
DHARITRI
29 December 2019- 4 January 2020 ₹ 2/-

# ଛୁଟି ଦିନ

# ଗାଁର ମୋହ






ବିଦେଶ ମାଟିରେ ଚାକିରି, ମୋଟା ଅଙ୍କର ଦରମା ଆଜିକାର ଯୁବପିଢ଼ିଙ୍କ ସ୍ୱପ୍ନ। ଆଉ ଏସବୁ କିଛି ଥିଲା କିଛି ବ୍ୟକ୍ତିଙ୍କ ପାଖରେ। ତଥାପି ସେମାନଙ୍କୁ ଟାଣିଥିଲା ଗାଁର ମୋହ। ସେଇଥିପାଇଁ ତ କିଏ ଗାଁକୁ ଚାଲି ଆସି ଗାଁ ଉନ୍ନତିରେ ଲାଗିଛନ୍ତି ତ ଆଉ କିଏ ବିଦେଶରେ ଥାଇ ବି ନିରନ୍ତର କରିଚାଲିଛନ୍ତି ଗାଁ ପାଇଁ ଉନ୍ନୟନମୂଳକ କାମ...






୩ ପ୍ରଚ୍ଛଦ ପ୍ରସଙ୍ଗ
୮/୯ କ୍ୟାଲେଣ୍ଡର
୪ ସିନେମା
୧୩ ସହରଠୁ ଦୂର

# ନୂଆ ବର୍ଷକୁ ନେଇ କିଛି ଅଜବ ପ୍ରଥା

✲ ଶ୍ରୀଲଙ୍କାରେ ଏହି ଦିନ ପ୍ରତିଘରେ ମାଟିପାତ୍ରରେ କ୍ଷୀର ଫୁଟେଇବାର ପ୍ରଥା ରହିଛି। ଏହାବ୍ୟତୀତ ଏହି ଅବସରରେ ଚାଉଳ ଏବଂ ନଡିଆ ତେଲରେ ଏକ ପ୍ରକାର ପାରମ୍ପରିକ ମିଠା ପ୍ରସ୍ତୁତ କରାଯାଇଥାଏ।

✲ ଭିଏତନାମରେ ଏହି ଦିନ ବଡମାନେ ଘରର ସାନପିଲାଙ୍କୁ ନାଲି ଲଫାପାରେ କିଛି ଟଙ୍କା ରଖି ଉପହାର ଦେଇଥାନ୍ତି।

✲ ମ୍ୟାନମାରରେ ୪ ଦିନ ବ୍ୟାପୀ ପାଳନ କରାଯାଉଥିବା ଏହି ଉତ୍ସବରେ ଲୋକେ ପାଣିର ବିଭିନ୍ନ ଖେଳ ଖେଳିଥାନ୍ତି।



✲ମଙ୍ଗୋଲିଆରେ ଏହି ଦିନ ଲୋକେ ପୁରୁଣା କରଜକୁ ଶୁଝିଥାନ୍ତି। ଏହିଦିନ ଲୋକେ ପରସ୍ପରକୁ ରେଶମ ସ୍କାର୍ପ ଦେବାର ପ୍ରଥା ରହିଛି।

✲ କାମ୍ବୋଡିଆରେ ଏହି ଦିନକୁ ବିଶୋଧନ ଉତ୍ସବ ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ଲୋକେ ମନ୍ଦିର ଯିବା ସହ ପରିବାର ସଦସ୍ୟଙ୍କ ସହିତ ପାରମ୍ପରିକ ଖେଳ ଖେଳିବାର ପ୍ରଥା ରହିଛି।

✲ ଚାଇନାରେ ଏହି ଅବସରରେ ଚାଉଳରେ ଏକ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ ଏବଂ ଲୋକେ ଡ୍ରାଗନ୍ ନୃତ୍ୟର ମଜା ନେଇଥାନ୍ତି।

✲ ଇଥିଓପିଆରେ ଏହି ଦିନ ମହିଳାମାନେ ପରସ୍ପରକୁ ହଳଦିଆ ରଙ୍ଗର ଫୁଲତୋଡା ଦେଇ ଅଭିନନ୍ଦନ ଜଣେଇଥାନ୍ତି।

✲ ସିରିଆ ଏବଂ ତୁର୍କୀରେ ଏହି ଦିନ ମହିଳାମାନେ ଫୁଲ ଏବଂ ଚେରମୂଳି ସଂଗ୍ରହ କରିବାର ପ୍ରଥା ରହିଛି।

✲ ରୁଷିଆରେ ଏହି ଦିନ ଡେଡ୍ ମୋରୋଜ ନାମକ ଜଣେ ବୃଦ୍ଧ ତାଙ୍କ ନାତୁଣୀଙ୍କ ସହ ରାତିରେ ଆସି ପିଲାମାନଙ୍କ ପାଇଁ ଉପହାର ଦେଇଯା'ନ୍ତି ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

୨୯ ଡିସେମ୍ବର ୨୦୧୯ - ୪ ଜାନୁୟାରୀ ୨୦୨୦

**ମେଷ**
ପାରିବାରିକ ଶାନ୍ତି, ଶାରୀରିକ ସୁସ୍ଥତା, ମିତ୍ରଲାଭ, କାର୍ଯ୍ୟସିଦ୍ଧି, ଆର୍ଥିକ ଉନ୍ନତି, ପଡୋଶୀଙ୍କ ଅସହଯୋଗ, ବ୍ୟବସାୟରେ ଲାଭାଂଶ ବଢିବ, ପରୋକ୍ଷ ଶତ୍ରୁତା, କର୍ମକ୍ଷେତ୍ରରେ ପ୍ରତିଷ୍ଠା ବୃଦ୍ଧି, ଯାତ୍ରାରେ ବିଘ୍ନ, ମନୋରଞ୍ଜନର ମଉକା, ବନ୍ଧୁମିଳନ ।

**ବୃଷ**
ସ୍ୱାସ୍ଥ୍ୟୋନ୍ନତି, ମିତ୍ରବନ୍ଧୁଙ୍କ ସାହାଯ୍ୟ, ସହକର୍ମୀଙ୍କ ସହଯୋଗ, ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି, ସନ୍ତାନ ବତ୍ସଳତା, କଳାପ୍ରିୟ ହେବେ, ପରିବହନରେ ଉନ୍ନତି, ଭ୍ରମଣ ସୁଯୋଗ।

**ମିଥୁନ**
ନୂତନ କର୍ମାରମ୍ଭ, ଋଣମୁକ୍ତ ହେବେ, ଶତ୍ରୁତାର ବିନାଶ, ସ୍ୱାସ୍ଥ୍ୟରେ ଉନ୍ନତି, ସନ୍ତାନଙ୍କ କାର୍ଯ୍ୟରୁ ମନସ୍ତାପ, ପଡୋଶୀମାନଙ୍କ ପ୍ରଶଂସା, ବ୍ୟବସାୟିକ ଉତ୍କର୍ଷତା, ସାମାଜିକ ସମ୍ମାନ, ମାଙ୍ଗଳିକ କାମ ସକାଶେ ପ୍ରସ୍ତୁତି।

**କର୍କଟ**
ମାନସିକ ଦ୍ୱନ୍ଦ୍ୱ, ଯାତ୍ରାରେ ପ୍ରତିବନ୍ଧକ, ଉପରିସ୍ଥଙ୍କ ଅନୁକମ୍ପା, ବନ୍ଧୁଙ୍କ ସହାନୁଭୂତି, ବନ୍ଧୁପ୍ରିୟ ହେବେ, ଜମିଜମା ଲାଭ, ଦୂରଯାତ୍ରା କରିବେ, କଳାପ୍ରିୟ ହେବେ, ଖୋଜୁଥିବା ଜିନିଷ ପାଇବେ, ଆନୁଷ୍ଠାନିକ କାମ।

**ସିଂହ**
ନୂତନ ସମ୍ପର୍କ, ବନ୍ଧୁଙ୍କ ଅଭିଯୋଗ, ସ୍ୱାସ୍ଥ୍ୟରେ ଉନ୍ନତି, ସରକାରୀ ସ୍ତରରୁ ସମ୍ମାନ, ନୂତନ ଯୋଜନାରମ୍ଭ, ଶତ୍ରୁତାର ସମାଧାନ, ଧର୍ମ କାର୍ଯ୍ୟ କରିପାରନ୍ତି, ବିଳାସପ୍ରିୟ ହେବେ, ପରିବାରରେ ଶାନ୍ତି ।

**କନ୍ୟା**
ବିଳମ୍ବରେ ସଫଳତା, ଆର୍ଥିକ ଉନ୍ନତି, ଯାନ୍ତ୍ରିକ ଜିନିଷ କ୍ରୟ, ଆନୁଷ୍ଠାନିକ କାମରେ ବିଘ୍ନ, ଯାତ୍ରାରେ କାର୍ଯ୍ୟସିଦ୍ଧି, ସହକର୍ମୀଙ୍କ ଅସହଯୋଗ, ନୂତନ ଗୃହଲାଭ, ସମସ୍ୟାର ସମାଧାନ ।

**ତୁଳା**
ମନୋବଳ ବୃଦ୍ଧି, ବନ୍ଧୁ ସମ୍ପର୍କରେ ଉନ୍ନତି, ବିବାଦରେ ବିଜୟ, ଭୋଗବିଳାସ, ନୂତନ ଦ୍ରବ୍ୟଲାଭ, ସମ୍ପର୍କହାନି, କାର୍ଯ୍ୟରେ ସଫଳତା, ବିଭିନ୍ନ ସୂତ୍ରରୁ ରୋଜଗାର, ଘର ସାଜସଜ୍ଜା, ବିଦେଶଯାତ୍ରା, ମାଙ୍ଗଳିକ କାର୍ଯ୍ୟ ପାଇଁ ପ୍ରସ୍ତୁତି।

**ବିଛା**
ଅଭିଳାଷ ପୂରଣ, ଦ୍ରବ୍ୟ ଲାଭ, ମାନସିକ ପ୍ରଫୁଲ୍ଲତା, ବନ୍ଧୁମିଳନ, ନୂତନ ବ୍ୟବସାୟ ଆରମ୍ଭ, ଆଶା ପୂରଣ, ସାମାଜିକ ସମ୍ମାନ, ଶିକ୍ଷାରେ ସଫଳତା, ମାଲିମକଦ୍ଦମାରେ ବିଜୟ, ଏଜେନଶିପ୍‌ର ପ୍ରସାର, ଦୂରଯାତ୍ରା।

**ଧନୁ**
ନୂତନ ପ୍ରକଳ୍ପାରମ୍ଭ, କମ୍ପାନୀ ଚାକିରି ଅଫର୍, ଆନୁଷ୍ଠାନିକ ସମ୍ମାନ, ସ୍ତ୍ରୀଙ୍କ ପ୍ରେରଣା। ସହକର୍ମୀଙ୍କ ସହଯୋଗ, ଦ୍ୱନ୍ଦ୍ୱର ଅବସାନ। ପାରିବାରିକ ଶାନ୍ତି, ପ୍ରତିଯୋଗିତାରେ ସଫଳତା, ପରିଜନ ସହ ଯାତ୍ରା।

**ମକର**
ଶୁଭଖବର ପ୍ରାପ୍ତି, ସାହିତ୍ୟାଲୋଚନା, ମନୋରଞ୍ଜନରୁ ଆନନ୍ଦ, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ମୂଲ୍ୟବାନ୍ ଜିନିଷ କ୍ରୟ, କ୍ରୀଡା, ସଙ୍ଗୀତରୁ ପ୍ରଶଂସା, ନିଜ ପରିସରରେ ପ୍ରତିଷ୍ଠା, ସରକାରୀ ସହାୟତା, ମିତ୍ରତା ବୃଦ୍ଧି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି।

**କୁମ୍ଭ**
ବନ୍ଧୁଙ୍କ ନିମନ୍ତ୍ରଣ, ଲକ୍ଷ୍ୟହୀନ ଯାତ୍ରା, ସ୍ଥଗିତ କାର୍ଯ୍ୟରୁ ଦୁଶ୍ଚିନ୍ତା, ପରିବାରରେ ମନୋମାଳିନ୍ୟ, ସୌଖୀନ ଦ୍ରବ୍ୟ କ୍ରୟ, ସଂଯମତା ହରାଇବେ, କର୍ମୋନ୍ନତି, ଅପନିନ୍ଦା ଶୁଣିବେ, ବନ୍ଧୁଙ୍କ ମିଥ୍ୟାଭିଯୋଗ, ସଭାସମିତି, ସଙ୍ଗୀତରେ ରୁଚି, ମିଥ୍ୟାପବାଦ।

**ମୀନ**
ଅର୍ଥନୈତିକ ଅଭିବୃଦ୍ଧି, ସମସ୍ୟା ସମାଧାନ, ଶୁଭଖବର ପ୍ରାପ୍ତି, ଅନ୍ୟମାନେ ଦୋଷ ଖୋଜିବେ। ଦ୍ୱନ୍ଦ୍ୱ, ସମ୍ପର୍କହାନି, ସାହାଯ୍ୟ ଆଶା କରିବେ, ନିର୍ମାଣାଧୀନ କାର୍ଯ୍ୟାରମ୍ଭ, ଚଳଚ୍ଚିତ୍ରରେ ଉନ୍ନତି, ନୂତନ ସମ୍ପର୍କ ସୃଷ୍ଟି।

# ଶୁଭାରମ୍ଭ କିଛି ନୂଆ ସଙ୍କଳ୍ପ ସହ

**ନୂଆ ବର୍ଷ ଆରମ୍ଭରେ ଅନେକେ ନୂଆ ନୂଆ ସଙ୍କଳ୍ପ ନେଇଥାନ୍ତି ଜୀବନକୁ ସରସ ସୁନ୍ଦର କରିବା ପାଇଁ। ବିଶେଷ କରି ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କିତ ଏଭଳି କିଛି ସଂକଳ୍ପ ନିଅନ୍ତୁ ଯାହାକୁ ପାଳନ କରିବା ସହଜ ତଥା ସମ୍ଭବ ହୋଇପାରିବ..**



✲ ପ୍ରତିଦିନ କିଛି ନା କିଛି ଶାରୀରିକ ପରିଶ୍ରମ କରିବା ଲାଗି ଚେଷ୍ଟା କରନ୍ତୁ। ଏଥିଲାଗି ଆପଣ ପ୍ରତ୍ୟେକ ଦିନ କିଛି ସମୟ ଚାଲିବା ଅଭ୍ୟାସ କରନ୍ତୁ ।

✲ ହଠାତ୍ ଜିମ୍ ଯିବା ଆରମ୍ଭ ନ କରି ପ୍ରଥମେ ଘରେ କିଛି ସମୟ ଯୋଗ, ଆସନ, ବ୍ୟାୟାମ କରିବାକୁ ଚେଷ୍ଟା କରନ୍ତୁ।

✲ ଡାଏଟିଂ କରିବାକୁ ଯାଇ ଖାଦ୍ୟର ମାତ୍ରା ହଠାତ ନ କମେଇ ଚେଷ୍ଟା କରନ୍ତୁ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ପାଇଁ।

✲ ପ୍ରତ୍ୟେକ ଦିନ ଡାଏଟ୍‌ରେ ସନ୍ତୁଳିତ ଖାଦ୍ୟକୁ ସାମିଲ କରିବା ପାଇଁ ଚେଷ୍ଟା କରନ୍ତୁ।

✲ ତେଲ ମସଲା ତଥା ଜଙ୍କ ଫୁଡ୍ ଖାଇବା କମେଇ ଖାଦ୍ୟରେ ସବୁଜ ପନିପରିବା ତଥା ଫଳକୁ ସାମିଲ କରନ୍ତୁ।

✲ ଏକା ସାଙ୍ଗେ ବହୁତ ଖାଇବା ଅପେକ୍ଷା କିଛି କିଛି ବ୍ୟବଧାନରେ ଖାଇବା ଭଲ।

✲ ପ୍ରଚୁର ପରିମାଣରେ ପାଣି ପିଇବାର ଅଭ୍ୟାସ କରନ୍ତୁ।

✲ ଆବଶ୍ୟକ ମୁତାବକ ନିଦ୍ରା ଯାଆନ୍ତୁ।।

# ପାଠକୀୟ

■ ସେ ହାତଠାରି ଡାକେନା ସତ। ହେଲେ ତା' ଆକର୍ଷଣରେ ମଣିଷ ଆପେ ଟାଣି ହୋଇ ଚାଲିଯାଏ। ତା' ମୋହରେ ପଡ଼େ। ଆଉ ସେହି ମୋହ ଶେଷରେ ନେଇଯାଏ ତା' ଜୀବନ। ଦୁନିଆ କହେ ତାହା ଥିଲା ଅଭିଶପ୍ତ। ଯଦିଓ ବିଜ୍ଞାନ ଏହାକୁ ମାନେନା। ହେଲେ ଯେତେ ଖୋଜିଲେ ବି ଉତ୍ତର ମିଳେନା କି ରହସ୍ୟ ଖୋଲେନା। ସେମିତି କେତୋଟି ଅଭିଶପ୍ତ ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ରୋମାଞ୍ଚକର ଥିଲା। ଅନ୍ୟପକ୍ଷେ କେତୋଟି ରହସ୍ୟମୟ ପର୍ଯ୍ୟଟନସ୍ଥଳୀ ବିଷୟରେ ବି ଏଥରର ଛୁଟିଦିନରୁ ଜାଣିବାକୁ ମିଳିଲା।

*–ପଦ୍ମିନୀ ପଣ୍ଡା, ରସୁଲଗଡ଼, ଭୁବନେଶ୍ୱର*

■ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଅଭିଶପ୍ତ' ଏକ ଆଶ୍ଚର୍ଯ୍ୟଜନକ ବିଷୟବସ୍ତୁ ଥିଲା। ଏଥିରୁ କେମିତି ଅଭିଶପ୍ତ ଜିନିଷଗୁଡ଼ିକ କାହାର ମୃତ୍ୟୁର କାରଣ ହୋଇଥିଲା ତାହା ଜାଣି ଆଶ୍ଚର୍ଯ୍ୟ ଲାଗିଲା। 'ନୂଆ ଚାକିରି ପାଇଁ', 'ନାପ୍ ଷ୍ଟୋର' ଆଦି ପାଠଗୁଡ଼ିକରୁ ଅନେକ ନୂଆକଥା ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଖ୍ୟାତ ଗାୟିକା ହେମଲତାଙ୍କ ଜୀବନୀ ସମ୍ପର୍କରେ ଅନେକ ଅକୁହା କଥା ଜାଣି ଖୁସି ଲାଗିଲା।

*–ରଶ୍ମିତା ପ୍ରଧାନ, ମାର୍କୋଣା, ବାଲେଶ୍ୱର*

■ ସୃଜନ ପୃଷ୍ଠାରେ ସ୍ଥାନିତ କୃତଘ୍ନ ନାମକ ଗପଟି ମୋ ମନକୁ ବେଶ୍ ଛୁଇଁଗଲା। ଅନ୍ୟପକ୍ଷେ ପ୍ରିୟା ଓ ଅଭିମାନୀ ବନ୍ଧୁ ନାମକ କବିତା ଦୁଇଟି ବି ବେଶ୍ ପ୍ରେରଣାଦାୟୀ ହୋଇପାରିଥିଲା। ସିନେମା ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି 'ସୋନାକ୍ଷୀଙ୍କ ବଦାନ୍ୟତା', 'ଗୁରୁ ଖୋଜୁଛନ୍ତି କାର୍ତ୍ତିକ–ଆୟୁଷ୍ମାନ', 'କରୀନା ହିଁ ଫିଟ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଉଚ୍ଚକୋଟୀର ହୋଇପାରିଥିଲା।

*–ନମ୍ରତା ଦାଶ, ଲିଙ୍କରୋଡ୍, କଟକ*


■ ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ ଶିକ୍ଷକ, ଲେଖକ, ସାମାଜିକ କର୍ମୀ ତଥା ସଂସ୍କୃତିପ୍ରେମୀ ପ୍ରମୋଦ କୁମାର ସ୍ୱାଇଁଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ଏପରିକି ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ମଜାଳିଆ ଲାଗୁଥିଲା। 'ସକାଳର ଅପେକ୍ଷାରେ' ପାଠଟିରୁ ଏକ ଦୁଃଖଦ ପରିବାରର କରୁଣ କାହାଣୀ ସମ୍ପର୍କରେ ଜାଣି ଦୁଃଖ ଲାଗିଲା। ଭଗବାନ କାହିଁକି ଏମିତି କରନ୍ତି କେଜାଣି।

*–କୈଳାସ ପ୍ରଧାନ, ଢେଙ୍କାନାଳ*

■ ହାଃ ହାଃ ଖୁବ୍ ମଜାଳିଆ ହୋଇପାରୁଛି। ସେହିପରି ସହର ପୃଷ୍ଠାରୁ 'ଥଙ୍ଗାସେରୀ ଦୁର୍ଗ' ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗୁଛି। ଅନ୍ୟପକ୍ଷେ ବିବିଧା ପୃଷ୍ଠାରେ ସ୍ଥାନିତ 'ତାରରେ ମା' ଦୁର୍ଗାଙ୍କ ପ୍ରତିମୂର୍ତ୍ତି' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଓଟଙ୍କ ଡାକ୍ତରଖାନା', 'ରେଷ୍ଟୁରାଣ୍ଟରେ ଦିଆଯାଏ ଟଏଲେଟ୍ ପାଣି' ଏବଂ 'ଡ୍ରେସ୍, ଯାହାକୁ ଛୁଇଁ ହେବନି' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।

*–ତପସ୍ୱିନୀ ମିଶ୍ର, ଝାରସୁଗୁଡ଼ା*

## ବିଶେଷ ଚିଠି



ପତ୍ରିକା ଆକାଶେ ପୂନେଇଁ ଚନ୍ଦ୍ରମା
ଧରିତ୍ରୀର ଛୁଟିଦିନ
ରବିବାରେ ତାକୁ ପାଇବା ପାଇଁକି
ପାଠକ ମନ ଉଚ୍ଛନ୍ନ।
ରୂପରେ ରଙ୍ଗରେ ଲେଖାରେ ଭାଷାରେ
ସତେ ଅତି ମନୋରମ
ପତ୍ରିକା ରାଇଜେ ମଉଡମଣି ସେ
ଅନନ୍ୟ ଓ ଅନୁପମ।
ମଡେଲ୍ ମିରର୍ ବ୍ୟାକ୍‌ପେଜ୍ ଖବର
ବାସ୍ତବରେ ମନଛୁଆଁ
ସାଥୀର ଉତ୍ତର ସିନେମା ଖବର
ଲାଗଇ ଭାରି ବଢ଼ିଆ।

*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795




# ଗାଁ ର ମୋହ

ଆଜିକାର ଯୁବପିଢିଙ୍କ ସ୍ୱପ୍ନ ଭଲ ପାଠ ପଢି ବିଦେଶରେ ଚାକିରି କରିବେ । ଆଉ ବିଦେଶୀ ଟଙ୍କା ଉପାର୍ଜନ କରି ବିତାଇବେ ଏକ ସୌଖିନ ଓ ବିଳାସମୟ ଜୀବନ । ସେଇଥିପାଇଁ ତ ଗାଁ ଏବେ ଲାଗୁଛି ଖାଁ ଖାଁ । କେବଳ କିଛି ବୟୋଜ୍ୟେଷ୍ଠ ବ୍ୟକ୍ତି ରହିଯାଇଛନ୍ତି ଏଠି । ଶ୍ରୀହୀନ ପାଲଟିଲାଣି ଗାଁ । ହେଲେ ଏସବୁର ଉର୍ଦ୍ଧ୍ୱରେ ଅଛନ୍ତି କିଛି ବ୍ୟକ୍ତି । ଯେଉଁମାନେ କି ବିଦେଶରେ ଭଲ ଚାକିରି ଓ ମୋଟା ଅଙ୍କର ଦରମା ପାଉଥିଲେ ବି ଭୁଲି ପାରି ନାହାନ୍ତି ନିଜ ଗାଁକୁ । ଫେରିଛନ୍ତି ଓ ଅଣ୍ଟା ଭିଡ଼ିଛନ୍ତି ତା'ର ଉନ୍ନତି ପାଇଁ । କେହି କେହି ତ ବିଦେଶରେ ଥାଇ ବି କରୁଛନ୍ତି ଗାଁର ଉନ୍ନତି ପାଇଁ କାମ....

**ଯୁବ ବୈଜ୍ଞାନିକଙ୍କ ଭିନ୍ନ ପରିକଳ୍ପନା ଗାଁ ହାଟ:** ଆମେରିକାରେ ବୈଜ୍ଞାନିକ ଥିଲେ । ତେଲ ବଦଳରେ ପାଣିରେ ଗାଡ଼ି ଚଳାଇବା ପ୍ରକ୍ରିୟା ଉପରେ ଗବେଷଣା କରୁଥିଲେ । ଆଉ ମାସକୁ ଲକ୍ଷାଧିକ ଟଙ୍କା ଦରମା ପାଉଥିଲେ । ହେଲେ ଦିନେ ଇଣ୍ଟରନେଟ୍‌ରୁ ଏକ ଖବର ପଢ଼ିବା ପରେ ମନ ତାଙ୍କର ଗାଁ ମୁହାଁ ହେବାକୁ ଲାଗିଲା । ବିଦେଶ ମାଟି ଓ ଭଲ ଦରମାର ମୋହ ତାଙ୍କୁ ଆଉ ବାନ୍ଧି ରଖିପାରିଲାନି । ଖବରଟି ଥିଲା ଭାରତର ଚାଷୀ ମୃତ୍ୟୁସଂଖ୍ୟା ବୃଦ୍ଧି, ଯାହା ତାଙ୍କୁ ବ୍ୟଥିତ କରିଥିଲା । କଥାଟିକୁ ସେ ବେଶ୍ ଗୁରୁତ୍ୱର ସହ ନେଇଥିଲେ । ଆଉ ବିଦେଶ ମାଟିରେ ପାଉଥିବା ମୋଟା ଅଙ୍କର ଦରମା ଛାଡ଼ି କୃଷକଙ୍କ ପାଇଁ କିଛି କରିବା ଲକ୍ଷ୍ୟରେ ଫେରି ଆସିଥିଲେ ଗାଁକୁ, ନିଜ ଭିଟାମାଟିକୁ । ଏହି ଯୁବ ବୈଜ୍ଞାନିକ ଜଣକ ହେଉଛନ୍ତି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଖୁଣ୍ଟୁବନ୍ଧ ଗ୍ରାମର ଡା. ରମେଶ ଚନ୍ଦ୍ର ବିଶ୍ୱାଳ । ଗାଁ ସ୍କୁଲରେ ସପ୍ତମ ଶ୍ରେଣୀ ଯାଏ ପାଠ ପଢ଼ିବା ପରେ ଚାହାଲୀ ହାଇସ୍କୁଲରେ ଦଶମ ଶ୍ରେଣୀ ଯାଏଁ ପଢିଥିଲେ । ଯୁକ୍ତ ୨ ଓ ଯୁକ୍ତ ୩ ନୟାଗଡ଼ କଲେଜରେ । ରେଭେନ୍ସାରେ ପିଜି, କଲିକତା ଯାଦବପୁର ବିଶ୍ୱବିଦ୍ୟାଳୟରେ ଏମ୍‌ଟେକ୍ କରିବା ପରେ ଆଇଆଇଟି ଖଡ଼ଗପୁରରେ ପିଏଚ୍‌ଡି କରିଥିଲେ । ଏହାପରେ ଆମେରିକାରେ ବୈଜ୍ଞାନିକଭାବେ କାର୍ଯ୍ୟ କଲେ । ତେଲ ବଦଳରେ ପାଣିରେ କିଭଳି ଗାଡ଼ି ଚଲାଇ ହେବ ତା'ଉପରେ ଗବେଷଣା କରୁଥିଲେ । ହେଲେ ଇଣ୍ଟରନେଟ୍‌ରେ ସେହି ଦୁଃଖଦ ଖବର ପଢ଼ିବା ପରେ ରମେଶ ଗାଁକୁ ଚାଲି ଆସିଲେ । ଡା. ରମେଶ କହନ୍ତି, 'ଭଲ ରୋଜଗାର ଲକ୍ଷ୍ୟରେ ଆଜିକାଲି ଲୋକେ ଗାଁରୁ ସହର ଓ ବିଦେଶ ଚାଲି ଯାଉଛନ୍ତି । ଫଳରେ ଗାଁରେ ଲୋକସଂଖ୍ୟା କମିବାକୁ ଲାଗିଛି । ଆଉ ଜମି ପଡ଼ିଆ ପଡୁଛି । ମୁଁ ଚିନ୍ତା କଲି ଗାଁରେ ଯଦି ରୋଜଗାରର ସୁଯୋଗ ସୃଷ୍ଟି ତଥା ଚାଷୀଙ୍କ ଉତ୍ପାଦିତ ସାମଗ୍ରୀ ପାଇଁ ବଜାର ସୃଷ୍ଟି କରି ହୁଅନ୍ତା, ତେବେ ନିଜ ଉତ୍ପାଦିତ ଦ୍ରବ୍ୟକୁ ସେମାନେ ସୁଲଭ ମୂଲ୍ୟରେ ବିକ୍ରି କରିପାରନ୍ତେ । ଆଉ ଏହି ସମସ୍ୟା ଅନେକାଂଶରେ ଦୂର ହୋଇପାରନ୍ତା । ଅନେକ ଚିନ୍ତା କରିବାପରେ ଶେଷରେ ଆରମ୍ଭ କଲି 'ଗାଁ ହାଟ' ବା 'ଭିଲା ମାର୍ଟ' ନାମକ ଷ୍ଟାର୍ଟ ଅପ୍, ଯାହାର ମୂଳ ଲକ୍ଷ୍ୟ ହେଉଛି ଗ୍ରାମରେ ଥିବା ଚାଷୀଙ୍କ ପନିପରିବାକୁ ଉଚିତ ମୂଲ୍ୟ ଦେଇ କିଣିବା ସହିତ ଗ୍ରାହକମାନଙ୍କୁ ହାତ ପାଆନ୍ତାରେ ବଜାରର ସୁବିଧା ଯୋଗାଇଦେବା । ବଜାରର ସୁବିଧା ହେଲେ ଚାଷୀମାନେ ଶୋଷଣର ଶିକାର ହେବେ ନାହିଁ ଓ ଚାଷ କରି ଚାଷୀ ଆର୍ଥିକ ସୁଦୃଢ଼ ହୋଇପାରିବେ । ଭଲ ଚାକିରି ଛାଡି ଗାଁରେ ଏଭଳି କାମ କରିବା କଥା ଶୁଣି ପ୍ରଥମେ ସବୁ ପରିବାରଙ୍କ ଭଳି ମୋ ପରିବାର ଲୋକ ବି ବିରୋଧ କରିଥିଲେ । ହେଲେ କିଛି ଦିନପରେ ସେମାନେ ମାନି ଯାଇଥିଲେ । ଆଉ ଚାଷୀଙ୍କ ଜିନିଷକୁ ଉପଯୁକ୍ତ ମୂଲ୍ୟରେ କିଣିବା ସହ ଗ୍ରାହକମାନେ ଯେପରି ଶୋଷଣର ଶିକାର ନ ହେବେ ସେଥିପାଇଁ ଗାଁରେ ଏହି ହାଟ ଆରମ୍ଭ କଲି । ପ୍ରତିଦିନ ଆମର 'ଗାଁ ହାଟ' ନାମକ ଦୁଇଟି ଗାଡ଼ି ଗାଁ ଗାଁ ବୁଲି ଚାଷୀଙ୍କ ଉତ୍ପାଦିତ ଜିନିଷ ସୁଲଭ ମୂଲ୍ୟରେ କିଣିଥାଏ । ତା'ସହ ସେଗୁଡ଼ିକୁ ଗାଁ ଗାଁରେ ବୁଲି ବିକା ମଧ୍ୟ ଯାଏ । ନୟାଗଡ଼ ସହର ଉପକଣ୍ଠ ରିଲାଏନ୍ସ ପେଟ୍ରୋଲ ଟାଙ୍କି ନିକଟରେ, ମହିଳା ମହାବିଦ୍ୟାଳୟ ଗଳି ଓ ଖୁଣ୍ଟୁବନ୍ଧ ଗ୍ରାମରେ ଆମର ତିନୋଟି ଆଉଟଲେଟ୍ ଅଛି । ଉକ୍ତ ଆଉଟଲେଟ୍ ଷ୍ଟୋରରେ ଚାଷୀ ନିଜ ଉତ୍ପାଦିତ ପନିପରିବାକୁ ବିକ୍ରି କରୁଛନ୍ତି । ଆଉ ହାତାହାତି ଟଙ୍କା ପାଇପାରୁଛନ୍ତି । ପରେ 'ଗାଁ ହାଟ' ଗାଡ଼ି ପହଂଚି ଆଉଟ୍‌ଲେଟ୍‌ରୁ ଏସବୁକୁ ସଂଗ୍ରହ କରେ । ଆଉ ଜିନିଷର ଚାହିଦା ଥିବା ସ୍ଥାନରେ ସେଗୁଡ଼ିକୁ ବିକ୍ରି କରାଯାଏ । ବର୍ତ୍ତମାନସୁଦ୍ଧା ଜିଲାର ପାଖାପାଖି ୧୫ହଜାର ଚାଷୀଙ୍କଠାରୁ ବିଭିନ୍ନ ପନିପରିବା ସଂଗ୍ରହ କରି ବିକ୍ରି କରାଯାଉଛି ।' ଡା. ରମେଶ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ୨ ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ଭିଲାମାର୍ଟ ଧୀରେ ଧୀରେ ଆଗକୁ ପାଦ ବଢ଼ାଇବାରେ ଲାଗିଛି । ଆଗକୁ ସେମାନଙ୍କର ଯୋଜନା ରହିଛି ନୟାଗଡ଼ ଜିଲାରେ ଥିବା ୧୭୦୦ଟି ଗ୍ରାମ ମଧ୍ୟରୁ ୧୦୦୦ଟି ବଡ଼ ଗାଁରେ ଆଉଟ୍‌ଲେଟ୍ ଷ୍ଟୋର ଖୋଲିବା । ତେବେ ଅନ୍ୟ ଗାଁରେ 'ଗାଁ ହାଟ' ଗାଡ଼ି ହିଁ ଚାଲିବ । ତା'ସହ ଚାଷୀଙ୍କ ପନିପରିବାକୁ ସଂରକ୍ଷିତ ରଖିବା ପାଇଁ ଶୀତଳ ଭଣ୍ଡାର କରିବା । ସେହିଭଳି ଚାଷୀମାନଙ୍କୁ କୃଷି ବିଷୟରେ ବୈଜ୍ଞାନିକ ଜ୍ଞାନ କୌଶଳର ଶିକ୍ଷା ଦେବା ଲକ୍ଷ୍ୟ ବି ରଖାଯାଇଛି । ବର୍ତ୍ତମାନ କେବଳ ବଡ଼ବଡ଼ ଗ୍ରାମରେ ଆଉଟଲେଟ୍ ଖୋଲା ହୋଇଛି । ଆଗକୁ ଛୋଟ ଗ୍ରାମରେ ବି ଗାଡ଼ି ଯାଇ ଲୋକମାନଙ୍କୁ ସେବା ଯୋଗାଇ ଦିଆଯିବ ।

**ଗାଁକୁ ଇକୋ-ଭିଲେଜ୍ କରିବା ଲକ୍ଷ୍ୟରେ ଶିବାଜୀ:** ସୁବର୍ଣ୍ଣପୁର ଜିଲା, ବିନିକା ବ୍ଲକ ସିନ୍ଦୁରପୁର ଗ୍ରାମର ଶିବାଜୀ ପଣ୍ଡା(୪୫) । ସେ କଥା କହିପାରନ୍ତିନି କି ଶୁଣିପାରନ୍ତିନି । ତେବେ ସେ ଜନ୍ମରୁ ଏମିତି ନ ଥିଲେ । ୧୦ ବର୍ଷ ବୟସବେଳକୁ ଧୀରେ ଧୀରେ ପାଲଟି ଯାଇଥିଲେ ମୂକ ଓ ବଧିର । କିନ୍ତୁ ଏହି ଅଭାବ ତାଙ୍କ ପାଦକୁ ରୋକି ପାରି ନ ଥିଲା । ଗାଁ ସ୍କୁଲରେ ମାଟ୍ରିକ୍, ସୋନପୁର କଲେଜରେ ଯୁକ୍ତ ୨ ଓ ଯୁକ୍ତ ୩ ପଢ଼ିବା ପରେ ଦିଲ୍ଲୀର ଏକ ଦିବ୍ୟାଙ୍ଗ ଶିକ୍ଷାନୁଷ୍ଠାନରେ କମ୍ପ୍ୟୁଟର ପ୍ରଶିକ୍ଷକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ । ତା'ସହ ଉଚ୍ଚ ଶିକ୍ଷା ବି ଜାରି ରଖିଲେ । ୨୦୦୪ରେ ତାଙ୍କୁ ନେଦରଲାଣ୍ଡ, ହଲାଣ୍ଡସ୍ଥ ମାକ୍ସ ପ୍ଲାଙ୍କ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସାଇକୋଲିଙ୍ଗୁଇଷ୍ଟିକ୍‌ରେ ଅଧ୍ୟାପନା କରିବାର ସୁଯୋଗ ମିଳିଲା । ୨ ବର୍ଷ ସେଠାରେ ଚାକିରି କରିବା ପରେ ସେ ଇଂଲଣ୍ଡ ଗଲେ । ୨୦୦୬ରୁ ୨୦୧୬ ପର୍ଯ୍ୟନ୍ତ ୟୁନିଭର୍ସିଟି ଅଫ୍ ସେଣ୍ଟ୍ରାଲ ଲାଙ୍କାଶାୟରରେ ବରିଷ୍ଠ ଅଧ୍ୟାପକ ଭାବେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଡିଇଏଏଫ ଷ୍ଟଡି ଓ ସାଙ୍କେତିକ ଭାଷାରେ ଶିକ୍ଷାଦାନ କଲେ । ବାର୍ଷିକ ୪୨ରୁ ୪୮ ଲକ୍ଷ ଟଙ୍କା ଦରମା ପାଉଥିଲେ ।

→

**ବିଦେଶ ମାଟିରେ ଚାକିରି, ମୋଟା ଅଙ୍କର ଦରମା ସହ ଐଶ୍ୱର୍ଯ୍ୟଭରା ଜୀବନ ଜିଇଁବା ହେଉଛି ଆଜିକାର ଯୁବପିଢ଼ିଙ୍କ ସ୍ୱପ୍ନ । ଆଉ ଏସବୁ କିଛି ଥିଲା କିଛି ବ୍ୟକ୍ତିଙ୍କ ପାଖରେ। ତଥାପି ସେମାନଙ୍କୁ ଟାଣିଥିଲା ଗାଁର ମୋହ। ଭିଟାମାଟି ପାଇଁ ମନ ହୋଇଥିଲା ବ୍ୟାକୁଳ । ସେଇଥିପାଇଁ ତ କିଏ ଐଶ୍ୱର୍ଯ୍ୟଭରା ଜୀବନକୁ ଛାଡି ଗାଁକୁ ଚାଲି ଆସି ଗାଁ ଉନ୍ନତିରେ ଲାଗିଛନ୍ତି ତ ଆଉ କିଏ ବିଦେଶରେ ଥାଇ ବି ନିରନ୍ତର କରିଚାଲିଛନ୍ତି ଗାଁ ପାଇଁ ଉନ୍ନୟନମୂଳକ କାମ...**







ରମେଶ ଚନ୍ଦ୍ର ବିଶ୍ୱାଳ





ତେବେ ସଫଳତାର ଅନେକ ପାହାଚ ଚଢି ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ମଧ୍ୟ ତାଙ୍କ ମନ ଗାଁକୁ ଝୁରୁଥିଲା । ସ୍ଥିତି ଏମିତି ହେଲା ଯେ, ଶେଷରେ ୨୦୧୬ରେ ସେ ଚାକିରି ଛାଡ଼ି ଚାଲିଆସିଲେ ନିଜ ଗାଁକୁ । ଆଉ ଲାଗିଗଲେ ଗାଁର ଉନ୍ନତି ପାଇଁ । ଗାଁରେ 'ରୁରାଲ ଲାଇଫ ଲାଇନ' ନାମକ ଟ୍ରଷ୍ଟ ଗଠନ କଲେ । ଏହି ଟ୍ରଷ୍ଟ ଅଧୀନରେ ସିନ୍ଦୁରପୁର ଗାଁରେ 'ହାପି ହ୍ୟାଣ୍ଡସ୍' ନାମକ ଭିନ୍ନକ୍ଷମ ବିଦ୍ୟାଳୟ ପ୍ରତିଷ୍ଠା କଲେ । ୪ ରୁ ୧୩ ବର୍ଷର ପିଲା ଏଠାରେ ପଢୁଛନ୍ତି । ଏହି ବିଦ୍ୟାଳୟର ବିଶେଷତ୍ୱ ହେଉଛି ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ଓ କର୍ମଚାରୀ ମଧ୍ୟ ଭିନ୍ନକ୍ଷମ । ସାଙ୍କେତିକ ଭାଷା, ଓଡ଼ିଆ ଓ ଇଂରାଜି ଭାଷାରେ ବିଦ୍ୟାଳୟର ଅନ୍ତେବାସୀଙ୍କୁ ପାଠପଢ଼ା ଯାଇଥାଏ । ୬ ବର୍ଷ ଧରି ବିନା ସରକାରୀ ସହାୟତାରେ ୩୧ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଏଠାରେ ପଢୁଛନ୍ତି । କେବଳ ସେତିକି ନୁହେଁ ଆଜିର ଯୁଗରେ ରାସାୟନିକ ପଦାର୍ଥ ବିନା ଚାଷ କାର୍ଯ୍ୟ ଅସମ୍ଭବ ପ୍ରାୟ ଲାଗୁଥିବା ବେଳେ ଶିବାଜୀ ନିଜ ଉଦ୍ୟମ ବଳରେ ଉଲୁଣ୍ଡା ବ୍ଲକର ଲକ୍ଷ୍ମଣପୁର, ମହାନଦୀକୂଳରେ ୫ ଏକର ଜମିରେ ପ୍ରତିଷ୍ଠା କରିଛନ୍ତି 'ସିଖା ଇକୋ ଲର୍ନିଂ ଭିଲେଜ' । ଏଠି ସେ ଗୋବର ଖତ ଓ ପାରମ୍ପରିକ ପ୍ରଣାଳୀରେ ଚାଷ କାର୍ଯ୍ୟ କରିବା ସହ ବିଭିନ୍ନ ପ୍ରକାର ପନିପରିବା ଓ ଫଳମୂଳ ଉତ୍ପାଦନ କରୁଛନ୍ତି । ମାତ୍ର ୩ ବର୍ଷ ଭିତରେ ଜୈବିକ ପଦ୍ଧତିରେ ଆମ୍ବ, ପିଜୁଳି, ଲିଚୁ, ଲେମ୍ବୁ, କମଳା, ପଣସ, ଅଙ୍ଗୁର, ସେଓ, କରମଙ୍ଗା, ସପେଟା, କାଜୁ, ନଡ଼ିଆ, ଜାମୁ, ରୁଦ୍ରାକ୍ଷ, କଦଳୀ ଆଦି ପ୍ରାୟ ୩୦୦ ପ୍ରକାରର ଫଳ ଗଛ ଲଗାଇଛନ୍ତି । ବିଭିନ୍ନ ପ୍ରକାର ପନିପରିବା ଓ ଶାଗ ମଧ୍ୟ ଜୈବିକ ପଦ୍ଧତିରେ ଉତ୍ପାଦନ କରାଯାଉଛି । ଏହି ସବୁ ପନିପରିବାକୁ ସେ ନିଜ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଖାଇବା ପାଇଁ ଯୋଗାଇଥାନ୍ତି । ଏହି ଇକୋ ଲର୍ଣ୍ଣିଂ ଭିଲେଜର ଆଉ ଏକ ବିଶେଷତ୍ୱ ହେଉଛି ଏଠି ବିଦ୍ୟୁତ୍ ସଂଯୋଗ କରାଯାଇନି । ସୌରଶକ୍ତି ମାଧ୍ୟମରେ ଫ୍ରିଜ୍, ପଙ୍ଖା, ୱାଶିଂ ମେଶିନ, କୁଲର, ପାଣି ପମ୍ପ ଆଦି ବିଭିନ୍ନ ଯନ୍ତ୍ରାଂଶ ଚାଲିଥାଏ । ଜୈବିକ ଚାଷ ପ୍ରଣାଳୀ ଓ ସୌରଶକ୍ତିର ସୁବିନିଯୋଗର ପ୍ରଚାର ପ୍ରସାର ପାଇଁ ସେ ଉଦ୍ୟମ ଜାରି ରଖିଛନ୍ତି । ଏଠାରେ ଖାଲି ଯେ ଉଦ୍ୟାନ ଚାଷ ହେଉଛି ତାହା ନୁହେଁ, ମୂକ ଓ ବଧିର ଛାତ୍ରୀଛାତ୍ରଙ୍କ ଶିକ୍ଷା ପାଇଁ ବିଭିନ୍ନ ସାମଗ୍ରୀ ମଧ୍ୟ ରହିଛି । ଶିବାଜୀଙ୍କ ସ୍ୱପ୍ନ ଏତିକିରେ ସୀମିତ ନୁହେଁ । ସାଙ୍କେତିକ ଭାଷାର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ତାଙ୍କର ସ୍ୱପ୍ନ । ବର୍ତ୍ତମାନ ଦେଶ ଓ ବିଦେଶରୁ କିଛି ଛାତ୍ର ଓ ଶିକ୍ଷକ ଏଠାକୁ ଆସି ସାଙ୍କେତିକ ଭାଷା ସମ୍ପର୍କରେ ଜ୍ଞାନ ଆହରଣ କରୁଛନ୍ତି । ଦକ୍ଷିଣ ଆଫ୍ରିକା ଉଗାଣ୍ଡାର ମଙ୍କିଙ୍ଗା ରିବିକା, ଅହିରିଜା ନୋହା, ଗୁଜରାଟର ଜିତେଶ ପ୍ରଜାପତି, ନୀରବ ପାଲ ଓ ମୁମ୍ବାଇର ଜଗଦୀଶ କୁମାର ଚୌଧୁରୀ ପ୍ରମୁଖ ଦିବ୍ୟାଙ୍ଗ ଏଠାରେ ରହି ଶିକ୍ଷା ଗ୍ରହଣ କରୁଛନ୍ତି । ଏହାବାଦ୍ ଜିରୋ ବଜେଟ ନେଚୁରାଲ ଫାର୍ମିଂ(ଜେଡବିଏନଏଫ୍) ପଦ୍ଧତିରେ ଚଳିତ ବର୍ଷ ପ୍ରାୟ ଦେଢ଼ ଏକର ଜମିରେ ଧାନ ଚାଷ ପରୀକ୍ଷାମୂଳକ ଭାବେ ଆରମ୍ଭ କରିଥିଲେ । ଆଉ ଜୀବାମୃତ(ଦେଶୀ ଗାଈର ପରିସ୍ରା ଓ ଗୋବର) ବ୍ୟବହାର କରି ଜୈବିକ ଉପାୟରେ ଚାଷ କରି ଭଲ ଫସଲ ପାଇବାରେ ସକ୍ଷମ ବି ହୋଇଛନ୍ତି । ଆଗକୁ ଏହି ଚାଷକୁ ବ୍ୟାପକ କରିବା ପାଇଁ ଉଦ୍ୟମ କରିବେ ଓ ଚାଷୀଙ୍କୁ ବୁଝାଇବେ ବୋଲି ସେ କହନ୍ତି । ବିଭିନ୍ନ ସମୟରେ ଅଞ୍ଚଳର କୃଷକମାନଙ୍କୁ ସେ ଜୈବିକ ପଦ୍ଧତିର ଉପାଦେୟତା ଏବଂ କୌଶଳ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଆଗାମୀ ଦିନରେ ଜୈବିକ ଚାଷ ପ୍ରଣାଳୀ ଓ ସୋଲାର ସିଷ୍ଟମ୍‌ର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି ।

**ନାରୀ ଶିକ୍ଷା ପାଇଁ କଲେ ଅନେକ ଶିକ୍ଷାନୁଷ୍ଠାନ:** ବରଗଡ଼ ଜିଲା, ଭଟ୍‌ଲୀ ବ୍ଲକର ଏକ ଛୋଟିଆ ଗାଁ ମୁଲ୍‌ବାର୍ । ଏହି ଗାଁର ସାହେବ ସାହୁ ପେସାରେ ଡାକ୍ତର । ବିଦେଶରେ ଦୀର୍ଘବର୍ଷ ରହି ସେବା ପ୍ରଦାନ କରିଛନ୍ତି । ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଯେକି ଏମ୍‌ସରେ ପଢିବାର ସୁଯୋଗ ପାଇଥିଲେ । ମା' ଶକୁନ୍ତଳା ଓ ବାପା ବିଦ୍ୟାଧର ସାହୁ । ବଡ଼ ଭାଇ ମନସ୍ୱୀଙ୍କ ପାଖରେ ରହି ଜିଏମ୍ କଲେଜରେ ଯୁକ୍ତ ଦୁଇ ପଢିଥିଲେ । ପରେ ବୁର୍ଲା ମେଡିକାଲ କଲେଜ୍‌ରେ ପଢିବା ପାଇଁ ସିଲେକ୍ଟ ହୋଇଥିଲେ ହେଁ ୧୯୬୪, ଏମ୍‌ସର ଏଣ୍ଟ୍ରାନ୍ସରେ ସଫଳ ହେବା ଯୋଗୁ ସେ ନୂଆଦିଲ୍ଲୀସ୍ଥ ଏମ୍‌ସରେ ଏମ୍‌ବିବିଏସ୍ କଲେ । ଏହାପରେ ମେଡିକାଲ ପ୍ରାକ୍ଟିସ୍ ପାଇଁ ସେ ଚାଲିଗଲେ ଆମେରିକା । ସେଠି ସେ ଶିଶୁରୋଗ ବିଶେଷଜ୍ଞ ସହ ପ୍ରିମାଚିୟୋର ଓ ସିକ୍ ନ୍ୟୁବର୍ନଙ୍କର ବିଶେଷଜ୍ଞ ହେଲେ । ହେଲେ ମନରୁ ଲିଭି ନ ଥିଲା ନିଜ ଗାଁ ପାଇଁ ଥିବା ଭଲ ପାଇବା । ମଝିରେ ମଝିରେ ତାହା ଉଙ୍କି ମାରୁଥିଲା । ଆଉ ନିଜ ଅଞ୍ଚଳ ପାଇଁ କିଛି କରିବାକୁ ପ୍ରବର୍ତ୍ତାଉ ଥିଲା । ତେଣୁ ସେ ସମ୍ବଲପୁରରେ ଏକ ଟ୍ରଷ୍ଟ ଗଠନ କଲେ । ଚାହିଁଥିଲେ ମଦର ଆଣ୍ଡ ଚାଇଲ୍ଡ କେୟାର ହସ୍ପିଟାଲ କରିବାକୁ । କିନ୍ତୁ କୌଣସି କାରଣବଶତଃ ତାହା ସମ୍ଭବ ହୋଇପାରିଲା ନାହିଁ । ଏହାପରେ ସେ 'ଶକୁନ୍ତଳା ବିଦ୍ୟାଧର ଟ୍ରଷ୍ଟ' ଗଠନ କଲେ । ସେହି ସମୟରେ ଭୁବନେଶ୍ୱରରେ କଳିଙ୍ଗ ହସ୍ପିଟାଲ ହେଲା । ଆଉ ସେ ବିଦେଶରୁ ଆସି ୨୦୦୪-୦୫ରେ ଏହାର ଏମ୍‌ଡି ହେଲେ । ନାରୀ ଶିକ୍ଷା ଓ ନାରୀ ସଶକ୍ତୀକରଣ ଉପରେ ତାଙ୍କର ଗୁରୁତ୍ୱ ସବୁବେଳେ ରହିଥିଲା । ତେଣୁ ସେ ତାଙ୍କର ଅଧିକ ଅର୍ଥ ଏହି କାର୍ଯ୍ୟ ପାଇଁ ପ୍ରଦାନ କରିବାକୁ ଲାଗିଲେ । ନିଜ ଗାଁ ମୁଲ୍‌ବାରରେ 'ଶକୁନ୍ତଳା ବିଦ୍ୟାଧର ବିଦ୍ୟାଳୟ' ନିର୍ମାଣ କଲେ । ତା'ସହ ଏକ ବାଳିକା ହଷ୍ଟେଲ ବି କଲେ । ଏହାପରେ ଗାଁରେ ଏକ ବିଜ୍ଞାନ କଲେଜ କରିବାକୁ ଚାହିଁଥିଲେ । ହେଲେ ତାହା ହୋଇପାରି ନ ଥିଲା । ତେବେ ସେହି ସମୟରେ ତାଙ୍କର ଦେଖା ଭଟ୍‌ଲୀ, 'ଦଧିବାମନ କଲେଜ'ର ପ୍ରିନ୍ସିପାଲ ପ୍ରଦୀପ ହୋତାଙ୍କ ସହ ହୋଇଥିଲା । ସେ ଜଣେଇଲେ ଯେ, ତାଙ୍କ କଲେଜରେ ବିଜ୍ଞାନ ବିଭାଗ ଖୋଲାଯିବା ଲାଗି ସରକାର ୨୫ ଲକ୍ଷ ଡିପୋଜିଟ୍ ମାଗୁଛନ୍ତି । ଏହା ଶୁଣି ଡା. ସାହୁ ଖୁସିରେ ୧୨.୫ ଲକ୍ଷ ନିଜ ଟ୍ରଷ୍ଟରୁ ପ୍ରଦାନ କରିଥିଲେ । ତା'ସହ ଏକ ଗର୍ଲସ୍ ହଷ୍ଟେଲ କରିବାକୁ ୫୫ ଲକ୍ଷ ପ୍ରଦାନ କଲେ । ଏମିତିକି ମାଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ଝିଅଙ୍କୁ ଉକ୍ତ କଲେଜରେ ମାଗଣାରେ ଆଡମିଶନ୍ କରାଇଲେ । ଆଉ ମାସିକ ୩୦୦ ଟଙ୍କା ବୃତ୍ତି ପ୍ରଦାନ କଲେ । ସେତେବେଳେ ବିଜ୍ଞାନରେ ୬୪ ସିଟ୍ ଥିଲା । ତେଣୁ ୬୪ ସେଟ୍ ବହି କିଣି ପ୍ରଥମ ବର୍ଷ ପିଲାଙ୍କୁ ଦିଆଗଲା । ଝିଅଙ୍କ କୋଚିଂ ପାଇଁ ଆସୁଥିବା ଗେଷ୍ଟ ଫାକଲ୍ଟିଙ୍କୁ ବି ଟ୍ରଷ୍ଟ ଟଙ୍କା ଦେଇଥିଲା । ଏହାବାଦ୍ ଭଟ୍‌ଲୀରେ 'ନିବେଦିତା ପବ୍ଲିକ ସ୍କୁଲ' ନାମକ ଇଂଲିଶ ମିଡିୟମ ସ୍କୁଲ ବି ଗଠନ କରିଛନ୍ତି । ଏକ ଆଇଟିଆଇ କଲେଜ ବି କରିଛନ୍ତି । ଏଥିରେ ହୋଇଥିବା ସବୁ ଖର୍ଚ୍ଚ ସେ ନିଜେ ବହନ କରିଥିଲେ । ୨୦୦୮-୨୦୧୧ରେ ବି ସେ କଳିଙ୍ଗ ହସ୍ପିଟାଲରେ ଏମ୍‌ଡିଭାବେ କାର୍ଯ୍ୟ କରିଛନ୍ତି । ଓଡିଶାର ଏହି ରହଣୀ ସମୟରେ ସେ ନିଜ ଅଞ୍ଚଳର ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି । ଯେଉଁ ଗାଁରେ ସେ ପଢୁଥିଲେ ସେ ଗାଁର ଉନ୍ନତି ପାଇଁ ବି ତାଙ୍କର ଅନେକ ଅବଦାନ ରହିଛି । ସେ ଗାଁଟି ହେଉଛି କମଗାଁ । ସେଠାରେ ଥିବା ଯୁକ୍ତ ଦୁଇ କଲେଜ ପାଇଁ ସେ ଏକ ଗର୍ଲସ୍ ହଷ୍ଟେଲ ନିର୍ମାଣ କରିଛନ୍ତି । ତା'ସହ 'ଶକୁନ୍ତଳା ବିଦ୍ୟାଧର ଡିଗ୍ରୀ କଲେଜ' ନାମକ ଏକ ଯୁକ୍ତ ୩ କଲେଜ କରିଛନ୍ତି ଓ ତା'ପାଇଁ ଗର୍ଲସ୍ ହଷ୍ଟେଲ ବି କରିଛନ୍ତି । ଭଟ୍‌ଲୀ ଗାଁର ୧୦ଟି ସ୍କୁଲକୁ ୧୦ ହଜାର ଟଙ୍କାର ଲାଇବ୍ରେରି ପୁସ୍ତକ ବି ଟ୍ରଷ୍ଟ ତରଫରୁ ପ୍ରଦାନ କରାଯାଇଛି । ତା'ସହ ୨୦-୨୫ ସ୍କୁଲକୁ ବିଜ୍ଞାନାଗାର କରିବା ଲାଗି ଉପକରଣ ପ୍ରଦାନ କରାଯାଇଛି । ସମ୍ବଲପୁର ପବ୍ଲିକ୍ ଲାଇବ୍ରେରିକୁ ମଧ୍ୟ ସେ ତିଆରି କରିଛନ୍ତି । ଡା. ସାହୁ କହନ୍ତି, 'ମୋ ଜୀବନର ଦର୍ଶନ ହେଉଛି ଅର୍ଥକୁ ଲୁଚାଇ ନ ରଖି ଦାନ କରିବା । ଆବଶ୍ୟକତା ପୂରଣ ପରେ ଯାହା ଅର୍ଥ ବଳକା ହୁଏ ତାକୁ ସମାଜର ଉନ୍ନତି ପାଇଁ ଦାନ କରିବାରେ ମତେ ଆନନ୍ଦ ମିଳେ । କାରଣ ଏଇ ସମାଜ ଆମକୁ ମଣିଷ କରିଛି । ତା'ର ଉନ୍ନତି ପାଇଁ ସମସ୍ତେ କିଛି ନା କିଛି କରିବା ଉଚିତ । ତେବେ ମୁଁ ଯାହା ବି କରିଛି ସେସବୁ ମୁଁ ଏକା କେବେବି କରିପାରି ନ ଥାଆନ୍ତି । ଏଥିରେ ମୋ ବଡ଼ ଭାଇ ମନସ୍ୱୀ ମତେ ବହୁତ ସାହାଯ୍ୟ କରିଛନ୍ତି । ପ୍ରଦୀପ ହୋତା, ରବି ସାହୁ, ପ୍ର. କାମଦେବ ସାହୁ ଆଦିଙ୍କ ସହ ମିଶି ମୋ ଭାଇ ମୁଁ ଦେଉଥିବା ଅର୍ଥର କିଭଳି ସୁବିନିଯୋଗ ହେବ ତଦାରଖ କରୁଥିଲେ । ନାରୀ ଶିକ୍ଷାକୁ ତ ମୁଁ ସବୁବେଳେ ଗୁରୁତ୍ୱ ଦେଇଆସିଛି । ଏହାବାଦ୍ ମତେ ପରିବେଶ ଚିନ୍ତା ବି ଘାରିଥାଏ । ତେଣୁ ଆମେ ମିଶି ୫ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିଛୁ । ୫୦ରୁ ଊର୍ଦ୍ଧ୍ୱ ଟ୍ୟୁବୱେଲ ବି ଖୋଳାଯାଇଛି ।' ଏସବୁ ବାଦ୍ ଡା. ସାହୁଙ୍କ ପାଖକୁ ଯିଏବି ସାହାଯ୍ୟ ପାଇଁ ଯାଆନ୍ତି, ତାଙ୍କୁ ସେ ଖାଲି ହାତରେ ଛାଡନ୍ତି ନାହିଁ । କିଛି ନା କିଛି ଆର୍ଥିକ ସାହାଯ୍ୟ ନିଶ୍ଚିତଭାବେ କରନ୍ତି ।

ଦେଶର ଉନ୍ନତି, ଗାଁର ଉନ୍ନତିରେ ସମ୍ଭବ । ଆଉ ଗାଁର ଉନ୍ନତି କେବଳ ତାର ଶିକ୍ଷିତ ଯୁବପିଢିଙ୍କ ସହଯୋଗରେ ହୋଇପାରିବ । ସେଥିପାଇଁ ଯେବେ ଯୁବପିଢିଙ୍କ ମନରୁ ସହର ଓ ବିଦେଶର ମୋହ କମି ନିଜ ମାଟି ପାଇଁ ଭଲପାଇବା ବଢିବ ସେବେ ଯାଇ ଗାଁ ପାଲଟିବ ସ୍ୱର୍ଗପୁରୀ ।

**-ଶିବାନୀ ମହାନ୍ତି**

**ରଞ୍ଜନ ପ୍ରଧାନ, ମୃତ୍ୟୁଞ୍ଜୟ ଶତପଥୀ**



ପିଲାଙ୍କ ଗହଣରେ ଶିବାଜୀ ପଣ୍ଡା

ଛାତ୍ରୀଛାତ୍ରଙ୍କ ଗହଣରେ ଡା. ସାହେବ ସାହୁ



# କୁଲ୍ କୁଲ୍ କାଜଲ

ତାମିଲ ଅଭିନେତ୍ରୀ କାଜଲ ଅଗ୍ରୱାଲ ଏବେ କ'ଣ କରୁଛନ୍ତି ? ହୁଏ ତ ଅନେକେ ଭାବୁଥିବେ ଯେ ସେ ନିଶ୍ଚୟ ଶୁଟିଂରେ ବ୍ୟସ୍ତ ଥିବେ। ହେଲେ ଅସଲ କଥା ସେଇଆ ନୁହେଁ। ବର୍ତ୍ତମାନ ତାଙ୍କୁ ଶୁଟିଂରୁ ପାଖାପାଖି ତିନି ସପ୍ତାହ ବ୍ରେକ୍ ମିଳିଛି। ତେଣୁ ସେ ମାଇଣ୍ଡ ଫ୍ରେସ୍ କରିବାକୁ ଫରେନ୍‌ରେ ଡେରା ପକାଇଛନ୍ତି। ଅର୍ଥାତ୍ ସେ ଏବେ ମାଳଦ୍ୱୀପରେ ଅଛନ୍ତି। ସେଠାରେ ବିଭିନ୍ନ ଟୁରିଷ୍ଟ ସ୍ପଟ୍ ବୁଲିବା ସହ ଫଟୋ ଉଠାଇ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି। ନିକଟରେ ସେ ଅପଲୋଡ୍ କରିଥିବା ନିଜର ବିକିନୀ ପିନ୍ଧା ଫଟୋ ବେଶ୍ ଭାଇରାଲ ହୋଇଛି। ଖୁବ୍ ଶୀଘ୍ର ସେ ଏସ. ଶଙ୍କରଙ୍କ ନିର୍ଦ୍ଦେଶନାରେ ଶୁଟିଂ ଆରମ୍ଭ ହେବାକୁ ଯାଉଥିବା 'ଇଣ୍ଡିଆନ-୨'ରେ ଅଭିନୟ କରିବାକୁ ଯାଉଛନ୍ତି। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିବେ କମଲ ହାସନ।





ପ୍ରିୟଙ୍କା-ନିକ୍

# ପ୍ରିୟଙ୍କାଙ୍କ ସ୍ପେଶାଲ ଗିଫ୍ଟ

ପ୍ରିୟଙ୍କା ଚୋପ୍ରାଙ୍କ ସେହି ସ୍ପେଶାଲ ଗିଫ୍ଟକୁ ଏ ଯାଏଁ ଭୁଲି ପାରୁନାହାନ୍ତି ତାଙ୍କର ସ୍ୱାମୀ ନିକ୍ ଜୋନାସ୍। ହେଲେ ସେ ଏମିତି କ'ଣ ଗିଫ୍ଟ ଦେଲେ ଯେ ତାହା ନିକ୍‌ଙ୍କ ପାଇଁ ସ୍ମରଣୀୟ ହୋଇ ରହିଛି ? ଦୁହେଁ ମ୍ୟାରେଜ୍ କରିବା ସମୟରେ ନିକ୍‌ଙ୍କୁ ପ୍ରିୟଙ୍କା ଏକ ଦାମୀ ମୁଦି ଗିଫ୍ଟ ଆକାରରେ ଦେଇଥିଲେ। ନିକ୍ କହନ୍ତି, 'ସେହି ମୁଦି ସବୁଦିନ ପାଇଁ ମୋ ଲାଗି ମେମୋରେବୁଲ ହୋଇ ରହିବ। କାରଣ ପ୍ରିୟଙ୍କାଙ୍କ ସହ ମୋ ମ୍ୟାରେଜ ଯେତିକି ସ୍ପେଶାଲ ସେହି ମୁଦିଟି ମଧ୍ୟ ସେତିକି ସ୍ପେଶାଲ। ଏ ନେଇ ତାଙ୍କୁ ଯେତେ ଥ୍ୟାଙ୍କ୍‌ସ ଦେଲେ ତାହା କମ୍ ହେବ ।'

# ସତ ହେଲା ଆକଳନ

ସଲମାନଙ୍କ ଆକଳନ ହିଁ ସତରେ ପରିଣତ ହୋଇଛି। କଥା କ'ଣ କି ନିକଟରେ ରିଲିଜ ହୋଇଥିବା 'ଦବଙ୍ଗ ୩' ଧୀରେ ଧୀରେ ଭଲ ବିଜ୍‌ନେସ କରୁଛି। ଦିନ କେଇଟାରେ ଏହା ୧୦୦କୋଟି କ୍ଲବରେ ପ୍ରବେଶ କରିଛି। ସଲମାନ ଖାଁ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ବିଗ୍ ବଜେଟ୍ ଫିଲ୍ମଟି ବକ୍ସ ଅଫିସରେ ୩୫୦ କୋଟି ବିଜ୍‌ନେସ କରିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି। ତେବେ ୧୦୦ କୋଟି କ୍ଲବରେ ସାମିଲ ହେବାରେ ଏହା ହେଉଛି ସଲମାନଙ୍କ ଅଭିନୀତ ୧୫ତମ ସିନେମା। ଏହାପୂର୍ବରୁ 'ଦବଙ୍ଗ, ରେଡ୍ଡି, ଦବଙ୍ଗ-୨, ଏକ୍ ଥା ଟାଇଗର, ବଡିଗାର୍ଡ, କିକ୍, ପ୍ରେମ ରତନ ଧନ ପାୟୋ, ଜୟ ହୋ, ଟ୍ୟୁବ୍ ଲାଇଟ୍, ଟାଇଗର ଜିନ୍ଦା ହୈ, ଭାରତ, ସୁଲତାନ୍ ଏବଂ ବଜରଙ୍ଗୀ ଭାଇଜାନ୍' ମଧ୍ୟ ଏହି କ୍ଲବରେ ଅନ୍ତର୍ଭୁକ୍ତ ହୋଇସାରିଛି। ପ୍ରଭୁଦେବାଙ୍କ ନିର୍ଦ୍ଦେଶିତ 'ଦବଙ୍ଗ ୩'ରେ ସୋନାକ୍ଷୀ ସିହ୍ନା ଓ ନବାଗତା ସାଈ ମାଞ୍ଜରେକର୍ ବି ଅଭିନୟ କରୁଛନ୍ତି।


# କେତେବେଳେ ହିରୋ, କେତେବେଳେ ଜିରୋ


ଅଭିନେତା ଜ୍ୟୋତିଙ୍କର ଖୁସି କହିଲେ ନ ସରେ। କାରଣ ଖୁବ୍ ଶୀଘ୍ର ସେ ଏକ ଭିନ୍ନ ଧରଣର ଭୂମିକାରେ ପରଦା ଉପରକୁ ଆସୁଛନ୍ତି। କେତେବେଳେ ସେ ହିରୋ ସାଜୁଛନ୍ତି ତ କେତେବେଳେ ଜିରୋ। ଏଭଳି ଏକ ମଜାଦାର କାହାଣୀକୁ ଆଧାର କରି ନୂଆ ଓଡ଼ିଆ ସିନେମା 'ହିରୋ ନଂ. ଜିରୋ'ର ଶୁଟିଂ ଚାଲୁ ରହିଛି। ଖୁସି କ୍ରିଏସନ୍ସ ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି 'ପ୍ରେମ ପାଇଁ ମହାଭାରତ' ଏବଂ 'ଯୋଗୀ'ର ନିର୍ଦ୍ଦେଶକ ନିରଞ୍ଜନ ବେହେରା। ଅସଲ କଥା ହେଲା ଏହାର ମେଲ୍ ଲିଡ୍‌ରେ ଅଭିନୟ କରୁଥିବା ଜ୍ୟୋତି ନାୟକଙ୍କୁ ଦର୍ଶକ ଡବଲ ରୋଲ୍‌ରେ ଦେଖିବାକୁ ପାଇବେ। ନିକଟରେ ରିଲିଜ ହୋଇଥିବା 'ବିଶ୍ୱରୂପ-ବର୍ନ ଟୁ ଫାଇଟ୍'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇସାରିଥିବା ନବାଗତା ଖୁସିଙ୍କୁ ଏଥିରେ ସୋଲୋ ନାୟିକା ଭାବରେ ଦେଖିବାକୁ ମିଳିବ। ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଥିବା ଉକ୍ତ ସିନେମା ସମ୍ପର୍କରେ ନିରଞ୍ଜନ କହନ୍ତି, ''ଏହାର କାହାଣୀ ସମ୍ପୂର୍ଣ୍ଣ ମୌଳିକ ଏବଂ କୌଣସି ଫିଲ୍ମରୁ କପି କରାଯାଇ ନାହିଁ। ଏଥିରେ ଲଭ୍, ଇମୋଶନ, ଆକ୍ସନ ରହିଛି। କାରଣ ମୋ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମ 'ପ୍ରେମ ପାଇଁ ମହାଭାରତ'ର ସଫଳତା ପରେ ଏହି ଫିଲ୍ମଟି କିପରି ସବୁ ଦୃଷ୍ଟିରୁ ସରସ ସୁନ୍ଦର ହେବ ସେ ନେଇ ନିଶ୍ଚୟ ଚେଷ୍ଟା କରିବି।'' ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଜ୍ୟୋତି-ଖୁସିଙ୍କ ଯୋଡ଼ି ବ୍ୟତୀତ ଏହି ଫିଲ୍ମରେ ପ୍ରଦ୍ୟୁମ୍ନ ଲେଙ୍କା, ବବି ମିଶ୍ର, ଶ୍ରୀତମ ଦାସ, ବିଜୁ ବଡ଼ଜେନା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ତେବେ ଏହି ଯୋଡି କି କମାଲ କରୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।



ଜ୍ୟୋତି-ଖୁସି


# ପ୍ରବନ୍ଧରୁ ମିଳିଲା ପ୍ରସିଦ୍ଧି















ରୁଷ୍‌ର ଲେଖକ ଭାବରେ ଖ୍ୟାତି ପାଇବାକୁ ତାଙ୍କର ପ୍ରବଳ ଇଚ୍ଛା ଥିଲା। ମାତ୍ର ଭାଗ୍ୟ ସମ୍ଭବତଃ ଅନ୍ୟ କିଛି ଚାହୁଁଥିଲା। ସେଥିଲାଗି ରୁଷ୍ ଭାଷାରେ ୯ ଗୋଟି ଉପନ୍ୟାସ ଲେଖିଥିଲେ ମଧ୍ୟ ତାଙ୍କୁ ପ୍ରତିଷ୍ଠା କି ପ୍ରସିଦ୍ଧି ମିଳି ନ ଥିଲା। ତେଣୁ ସେ ବାଧ୍ୟ ହୋଇ ଇଂଲିଶ ଭାଷାରେ ପ୍ରବନ୍ଧ ବା ଏସେ ଲେଖିବା ଆରମ୍ଭ କଲେ। ଆଉ କହିବା ନିଷ୍ପ୍ରୟୋଜନ, ରାତାରାତ୍ ତାଙ୍କ ଉପରେ ଅଜାଡ଼ି ହୋଇ ପଡ଼ିଲା ଅନ୍ତର୍ଜାତୀୟ ସ୍ୱୀକୃତି। ଏହି ଅନ୍ତର୍ଜାତୀୟ ଲେଖକ ହେଉଛନ୍ତି ଭ୍ଲାଡିମିର୍ ନାବୋକୋଭ୍। ଭ୍ଲାଡିମିର ମଧ୍ୟ ତାଙ୍କର ପେନ୍‌ନେମ୍ ବା ଛଦ୍ମନାମ ଭ୍ଲାଡିମିର ସିରିନ୍ ନାମରେ ପରିଚିତ। ସେ ଏକାଧାରରେ ଥିଲେ ଜଣେ ଔପନ୍ୟାସିକ, କବି, ଅନୁବାଦକ ଏବଂ ପ୍ରାବନ୍ଧିକ। ୧୯୪୫ ମସିହାରେ ସେ ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିଲେ। ଭ୍ଲାଡିମିରଙ୍କ ରଚିତ ବହି ସବୁକୁ ବିଶ୍ୱ ସାହିତ୍ୟର ଗୋଟିଏ ଗୋଟିଏ ମାଇଲ୍‌ଖୁଣ୍ଟ ଭାବରେ ବର୍ଣ୍ଣନା କରାଯାଇଥାଏ। ତାଙ୍କର ନାମ ନ୍ୟାଶନାଲ ବୁକ୍ ଆୱାର୍ଡ ଲିଷ୍ଟରେ ସାତଥର ସ୍ଥାନିତ ହୋଇ ଏକ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଥିଲା।

**ଜନ୍ମ ଓ ପରିବାର :** ୧୮୯୯ ଏପ୍ରିଲ୍ ୨୨ ତାରିଖରେ ସେଣ୍ଟ୍ ପିଟର୍ସବର୍ଗର ଏକ ଧନିକ ପରିବାରରେ ଜନ୍ମ ହୋଇଥିଲେ ନାବୋକୋଭ୍। ତାଙ୍କ ବାପା ଭ୍ଲାଡିମିର ଡିମିତ୍ରିଭ୍ କେବଳ ଧନୀ ନ ଥିଲେ ; ସେ ଥିଲେ ଜଣେ ପ୍ରଭାବୀ ମଣିଷ। ତାଙ୍କର ପରିବାରକୁ ଲୋକମାନେ ଏକ ଆଦର୍ଶ ପରିବାର ଭାବରେ ବିବେଚନା କରୁଥିଲେ। ତାଙ୍କ ବାପା ସେହି ସମୟରେ ଥିଲେ ଜଣେ ପ୍ରସିଦ୍ଧ ଆଇନଜୀବୀ। ସେତିକିନୁହେଁ, ଜଣେ ସାମ୍ବାଦିକ ଭାବରେ ମଧ୍ୟ ତାଙ୍କର ବେଶ୍ ସୁଖ୍ୟାତି ରହିଥିଲା। ମା' ୟେଲେନା ଥିଲେ ଜଣେ ବିଦୁଷୀ ମହିଳା। ୟେଲେନାଙ୍କ ବାପା ଅର୍ଥାତ୍ ନାବୋକୋଭ୍‌ଙ୍କ ଅଜା ଥିଲେ ଜଣେ କୋଟିପତି ରାଜନେତା। ସେ ଥିଲେ ଏକ ସୁନାଖଣିର ମାଲିକ। ଏତଦବ୍ୟତୀତ, ସେ କ୍ରିମିନାଲ ଲ' ଆଣ୍ଡ ପଲିଟିକ୍ସ ଉପରେ ଏକାଧିକ ପୁସ୍ତକ ରଚନା କରିଥିଲେ। ପିଲାବେଳେ ନାବୋକୋଭ୍ ଅଜାଙ୍କ ସହିତ ବହୁତ ସମୟ ଅତିବାହିତ କରିଥିଲେ। ତେଣୁ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ପିଲାଟି ବେଳୁ ବହି ପଢ଼ିବାର ଅଭ୍ୟାସ କରି ନେଇଥିଲେ।

**ଫେବୃୟାରୀ ବିପ୍ଳବ ପରେ :** ୧୯୧୭ରେ ହେଲା ଫେବୃୟାରୀ ରିଭଲ୍ୟୁଶନ୍। ଏହା ତାଙ୍କର ପାରିବାରିକ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ତାଙ୍କ ବାପା ରୁଷିଆନ୍ ପ୍ରୋଭିଜନାଲ ଗଭର୍ନମେଣ୍ଟରେ ସଚିବ ଭାବରେ କାର୍ଯ୍ୟକଲେ। ତେବେ ଅକ୍ଟୋବର ରିଭଲ୍ୟୁଶନ୍ ବେଳକୁ ରାଜନୈତିକ ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ନକାରାତ୍ମକ ପାଲଟି ଯାଇଥିଲା। ସେମାନଙ୍କୁ ନିଜର ବାସସ୍ଥାନ ଛାଡ଼ି ଅନ୍ୟତ୍ର ଯିବାକୁ ହୋଇଥିଲା। ସେମାନେ ପଶ୍ଚିମ ୟୁରୋପକୁ ଚାଲି ଆସିଲେ ଓ ବ୍ରିଟେନ୍‌ରେ ରହିଲେ। ନାବୋକୋଭ୍ ଟ୍ରିନିଟ୍‌ରେ ନାମ ଲେଖାଇଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା, ଏଇ ସ୍ଥାନାନ୍ତର ନାବୋକୋଭ୍‌ଙ୍କୁ ପରିପକ୍ୱ କରିବାରେ ଯଥେଷ୍ଟ ସହାୟକ ହୋଇଥିଲା। ଦେଶାନ୍ତରୀ ଜୀବନର ଦୁଃଖ, ଯାତନା, ଅନିଶ୍ଚିତତା ଗୋଟିଏ ଗୋଟିଏ କଞ୍ଚାମାଲ ହୋଇ ତାଙ୍କ ଭିତରେ ଲିପିବଦ୍ଧ ହୋଇ ଯାଉଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସେ ଯେତେବେଳେ ଲେଖିବା ଆରମ୍ଭ କଲେ ସେତେବେଳେ ସେହି ସବୁ ଘଟଣା ତାଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ସେଥିଲାଗି ନାବୋକୋଭଙ୍କ ପ୍ରତ୍ୟେକ ରଚନାରେ ଏକ ଅନିଶ୍ଚିତ ଜୀବନ ଧାରଣର କଥା ସଦାସର୍ବଦା ଦେଖିବାକୁ ମିଳିଥାଏ।

**ଲେଖିକା ବିରୋଧୀ ନାବୋକୋଭ୍ :** ଲେଖକ ଜୀବନର ପ୍ରାରମ୍ଭରୁ ନାବୋକୋଭ୍ ଥିଲେ ଘୋର ଲେଖିକା ବିରୋଧୀ। ସେ ଲେଖିକାମାନଙ୍କୁ ଆଦୌ ସାହିତ୍ୟିକ ଭାବରେ ଗ୍ରହଣ କରିବାକୁ ଚାହୁଁ ନ ଥିଲେ। ଜେନ୍ ଅଷ୍ଟିନ୍‌ଙ୍କୁ ସେ ସର୍ବାଧିକ ବିରୋଧ କରୁଥିଲେ। ତେବେ କ'ଣ ପାଇଁ ସେ ସେମିତି କରୁଥିଲେ ତାହାର କୌଣସି କାରଣ ତାଙ୍କ ନିକଟରେ ନ ଥିଲା। ସେ ଏକଦା ନିଜର ଏକ ପ୍ରବନ୍ଧରେ ଜେନ୍ ଅଷ୍ଟିନ୍‌ଙ୍କ ସମେତ ଅନ୍ୟ ଲେଖିକାମାନଙ୍କୁ 'ଭିନ୍ନଶ୍ରେଣୀ'ର ବୋଲି ବର୍ଣ୍ଣନା କରିଥିଲେ। ସବୁଠୁ ମଜାର କଥା, ତାଙ୍କର ସ୍ତ୍ରୀ ଭେରା ମଧ୍ୟ ଥିଲେ ଜଣେ ଲେଖିକା। ଅବଶ୍ୟ ତାଙ୍କୁ ବିବାହ କରିବା ପରେ ସେ ଲେଖାଲେଖିରୁ ନିଜକୁ ଦୂରେଇ ନେଇଥିଲେ। ମାତ୍ର ଭେରା ହିଁ ଥିଲେ ନାବୋକୋଭ୍‌ଙ୍କର ମୁଖ୍ୟ ଟ୍ରାନ୍ସଲେଟର। ପୁଣି ସେ ନିଜ ସ୍ୱାମୀଙ୍କ ସାହିତ୍ୟର ପ୍ରସାର ଦିଗରେ ସବୁତକ ସମୟ ବିନିଯୋଗ କରିଦେଇଥିଲେ।

**ଭେରାଙ୍କ ପାଇଁ ପଢ଼ିଲେ ମ୍ୟାନ୍ସଫିଲ୍ଡ ପାର୍କ :** ଭେରା ସବୁବେଳେ ଚାହୁଁଥିଲେ ସ୍ୱାମୀ ନାବୋକୋଭ୍‌ଙ୍କ ଭିତରୁ ଲେଖିକା ବିରୋଧୀ ମନୋଭାବ ଦୂରେଇଯାଉ। ସେଥିଲାଗି ସେ ସବୁବେଳେ କହୁଥିଲେ ଯେ, ସେ ଥରୁଟେ ଅଷ୍ଟିନ୍‌ଙ୍କର 'ମ୍ୟାନ୍ସଫିଲ୍ଡ ପାର୍କ' ଉପନ୍ୟାସଟିକୁ ପଢ଼ନ୍ତୁ। ସ୍ତ୍ରୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଶେଷରେ ଦିନେ ନାବୋକୋଭ୍ 'ମ୍ୟାନ୍ସଫିଲ୍ଡ ପାର୍କ' ପଢ଼ିଲେ। ଆଉ ପଢ଼ିବା ପରେ ତାଙ୍କ ଭିତରେ ଲେଖିକାମାନଙ୍କୁ ନେଇ ରହିଥିବା ଧାରଣାର ଯୁଗପତ୍ ପରିବର୍ତ୍ତନ ଘଟିଥିଲା। ଏହାପରେ ସେ ଏକ ପ୍ରବନ୍ଧରେ ଉଲ୍ଲେଖ କରିଥିଲେ ଯେ, ନାରୀମାନେ ସାମାଜିକତାର ଶୃଙ୍ଖଳତାରୁ ବାହାରି ପାରନ୍ତି ନାହିଁ। ତେଣୁ ସେମାନେ ସୃଷ୍ଟି କରୁଥିବା ସାହିତ୍ୟରେ ସାମାଜିକ ଘଟାଟୋପରୁ ମୁକ୍ତି ନ ଥାଏ। ସେଇଥିପାଇଁ ସେ ଲେଖିକାମାନଙ୍କୁ ବରଦାସ୍ତ କରୁ ନ ଥିଲେ। ଆଉ ସେମାନଙ୍କୁ 'ଭିନ୍ନଶ୍ରେଣୀ' ବୋଲି ବିବେଚନା କରୁଥିଲେ। ମାତ୍ର ଅଷ୍ଟିନ୍‌ଙ୍କ 'ମ୍ୟାନ୍ସଫିଲ୍ଡ ପାର୍କ' ତାଙ୍କର ସେହି ଭ୍ରମକୁ ଦୂରୀଭୂତ କରିଦେଇଥିଲା। ଲେଖିକାମାନେ ମଧ୍ୟ ଲେଖକମାନଙ୍କ ପରି ସମାଜ ତଥା ପରମ୍ପରାକୁ ଅସ୍ୱୀକାର କରିପାରନ୍ତି ତାହା ଅଷ୍ଟିନ୍ ତାଙ୍କ ଉପନ୍ୟାସରେ ପ୍ରମାଣିତ କରି ପାରିଥିଲେ।

୧୯୭୭ ଜୁଲାଇ ୨ ତାରିଖରେ ଏହି ମହାନ ବ୍ୟକ୍ତିତ୍ୱଙ୍କର ପରଲୋକ ଘଟିଥିଲା।



# ଉପକାର

–ଦେବେନ୍ଦ୍ର କର

ବସ୍‌ରେ ଫେରିବା ବାଟରେ ସୁଦର୍ଶନବାବୁ ଗୋଟିଏ କଥା ବାରବାର ଦୋହରାଉଥିଲେ। କଥାଟା ଠିକ୍ ହେଲାନି। ଦିନ ଗଲା କଥା ରହିଗଲା ସବୁଦିନକୁ। ମୁଁ କେତେଥର କହିଲି ଆମେ ଝିଅକୁ ସୁନାମୁଦି ଆଉ ଦାମୀ ଶାଢ଼ିଖଣ୍ଡେ ଦେବା, ତମେ ମୋ କଥାକୁ ପୂରାପୂରି କାଟିଦେଲ। ଏତକ ଶୁଣୁ ଶୁଣୁ ସୁଲଗ୍ନା ବିରକ୍ତ ହେଇଉଠିଲେ କ'ଣ ଠିକ୍ ହେଲାନି ତମ ପିଇସୀନାନୀ ଆମକୁ କ'ଣ ଏମିତି ଅଜାଡି ପକାଉଛନ୍ତି ଯେ। ଆମ ମିତାଲିର ବାହାଘରକୁ ସେ ହଜାର ଟଙ୍କା ଦେଇଥିଲେ ବାସ୍। ଆମେ ତାଙ୍କ ଝିଅ ବାହାଘରକୁ ହଜାରଟଙ୍କା ଦେଲୁ ବାସ୍ ହିସାବ ବରାବର। ନାନୀ କିଛି ଭାବିବେ ନାହିଁ କି କହିବେ ନାହିଁ। ତମେ ତୁଛାଟାରେ ଖାଲି ଘୋରି ହଉଚ। କଥା ମଝିରେ ସୁଦର୍ଶନବାବୁ ପୁଣି କହିଲେ କିଛି ନ ହେଲେ ନାହିଁ ଝିଅଟା ବିଦା ହେଲା ପର୍ଯ୍ୟନ୍ତ ତ ଆମେ ରହିପାରିଥାନ୍ତୁ। ତାଙ୍କର ସବୁ ବନ୍ଧୁବାନ୍ଧବ ଅପେକ୍ଷା କରିଥିଲେ କେବଳ ଆମ ଦୁହିଁଙ୍କୁ ଛାଡି। ସୁଲଗ୍ନା କୋଉ ଛାଡିଲାବାଲା। ଯୁକ୍ତି ଆରମ୍ଭ କରିଦେଲେ ଆମର କ'ଣ ଆଉ କିଛି କାମଧନ୍ଦା ନାହିଁ ନା ଘରଦ୍ୱାର ନାହିଁ। ଘରେ ପହଞ୍ଚିଲା ବେଳକୁ ପା ରାତି ୯ଟା ହେବ। ମଣିଷ ଆଜି ଶାନ୍ତିରେ ଟିକେ ଶୋଇବସି ପାରିନି। ଦିନ ବୁଡି ସଞ୍ଜ ନଇଁଲାଣି ଏ ବାବୁଙ୍କୁ କିଛି ଜଣା ପଡୁନି। ବାହାଘରରେ ଯୋଗଦେଲେ ତା'ଠାରୁ ଆଉ ବଡ କଥା କ'ଣ ଅଛି। ବସ୍ ଭିତରେ କେଇଜଣ କଣେଇ କଣେଇ ଦୁହିଁଙ୍କ ଆଡକୁ ଚାହୁଁଥାନ୍ତି। ସୁଦର୍ଶନ ବାବୁଙ୍କୁ ଖରାପ ଲାଗିଲା ବୋଧେ କିଛିକ୍ଷଣ ପାଇଁ ଚୁପ୍ ପଡ଼ିଗଲେ। ନଜର ଫେରାଇ ନେଲେ ଝରକା ସେପଟକୁ। ଦ୍ରୁତ ଗତିରେ ବସ୍‌ଟି ମାଡିଚାଲିଥାଏ ଆଗକୁ ଆଗକୁ। ତୁ ତୁ ପବନ ପଶି ଆସୁଥାଏ ଝରକା ବାଟ ଦେଇ। ପଶ୍ଚିମା ଆକାଶେ ଅସ୍ତଗାମୀ ସୂର୍ଯ୍ୟ ବିଦାୟ ନେଉଥାନ୍ତି। ରାସ୍ତା କଡର ସବୁଜ ଧାନଖେତ ଗୁଡିକ ଅନ୍ଧାରବଳୟ ଭିତରେ ଲୁଚିଯିବାକୁ ଏବେ ପୂରାପୂରି ପ୍ରସ୍ତୁତ। ମନ ଆଢୁଆଳରେ ପୁରୁଣା ଦିନର ଅନେକ କଥା ଆଖି ଆଗରେ ଝଲସି ଉଠୁଥାଏ। ସୁଦର୍ଶନବାବୁ ଚୁପ୍ ରହିବାକୁ ଚେଷ୍ଟା କରୁଥିଲେ ଅଥଚ ତାଙ୍କପକ୍ଷେ ସମ୍ଭବ ହେଉ ନ ଥାଏ। ଧୀରେ ଧୀରେ କହିବାକୁ ଲାଗିଲେ, ସୁଲଗ୍ନା ମନେ ଅଛି ନା ୨୦ବର୍ଷ ତଳର ସେଇ କଥା। କଟକ ବଡମେଡିକାଲର ଶଲ୍ୟ ବିଭାଗର ୩୦୩ ବେଡରେ ତୁମେ ଆଡମିଶନ୍ ନେଇଥାଅ। ତମ ଅପରେଶନ୍ ପାଇଁ ଦରକାର ପଡୁଥାଏ କୋଡିଏ ହଜାର ଟଙ୍କା। ପାଗଳଙ୍କ ପରି ମୁଁ କେମିତି ଦିନତମାମ ଏଣେତେଣେ ଧାଉଁଥିଲି। ନିଜ ଲୋକମାନେ ବି ସେଦିନ ମୁହଁ ଫେରାଇ ନେଇଥିଲେ। ଦୁଃଖ ହତାଶରେ ଆମେ ପୂରାପୂରି ଭାଙ୍ଗିପଡ଼ିଥିଲେ। ସେଦିନ ସନ୍ଧ୍ୟାରେ ତୁ ତୁ ବର୍ଷା ଗରଜୁଥାଏ। ଦେବଦୂତ ପଠାଇଲା ପରି ପିଇସୀନାନୀ କେମିତି ଜୁଡୁବୁଡୁ ଓଦା ହୋଇ ହସପିଟାଲରେ ପହଞ୍ଚିଗଲା। ଆମେ ତାକୁ ଜଣେଇ ନ ଥିଲୁ କି ଖବର ଦେଇ ନ ଥିଲୁ। ଚୁପ୍‌କିନା ମୋ ହାତକୁ ୨୦ହଜାର ଟଙ୍କା ଦେଇ କହିଲା ସୁଲଗ୍ନାର ଅପରେଶନ୍ ଭଲରେ ଭଲରେ ହେଇଯାଉ ମୁଁ ତା ପାଇଁ ମା' ତାରିଣୀଙ୍କୁ ନଡ଼ିଆ ଯାଚିଛି। ହସପିଟାଲରେ ରହଣି ସମୟରେ ନାନୀ ଅନେକ ଥର ଭଲମନ୍ଦ ବୁଝିବାକୁ ଆସିଛି। ଏତେ ବର୍ଷ ଭିତରେ ନାନୀ ଦିନେ କେବେ ବି ସେ ପଇସା କଥା ଉଠେଇନି। ଅପରାହ୍ନର ଝାଉଁଳା ଫୁଲ ପରି ସୁଲଗ୍ନାଙ୍କ ମୁହଁଟା ଝାଉଁଳି ଆସିଲା। ମୁହଁରେ ପଦିଏ ବି ଶବ୍ଦ ନ ଥିଲା। ଅବାକ୍ ମୁଦ୍ରାରେ ଝରକା ସେପଟକୁ ଚାହିଁଥିଲେ। ସୁଦର୍ଶନବାବୁ ପୁଣି କହୁଥାନ୍ତି ଆମ ମିତାଲିର ବାହାଘର ବର୍ଷ ପିଇସାଙ୍କ ଦେହାନ୍ତ ହୋଇଥିଲା। ଆମର ଗୋଟିଏ ଫୋନ୍‌ରେ ନାନୀ ବାହାଘର ଦିନ ଆସି ପହଞ୍ଚିଥିଲା। ଏକୁଟିଆ ଲୋକ ତା ସକ୍ଷମ ଅନୁସାରେ ଯାହା ବି ଦେଲା ସେ କଥା କ'ଣ ଧରିବା ଠିକ୍ ହେବ। ନାନୀର ସେଦିନ ଉପକାର ମୁଁ କଦାପି ଭୁଲି ପାରିବିନି, ତୁମେ ହୁଏତ ଭୁଲିଯାଇପାର। ସହରୀ ରାସ୍ତାଟା ବସ୍ ହର୍ନରେ କମ୍ପିଉଠିଲା। ଯଥା ସମୟ ପୂର୍ବରୁ ବସ୍‌ଟା ଷ୍ଟାଣ୍ଡରେ ଲାଗିଲା। ବସ୍‌ରୁ ଓହ୍ଲାଇଲା ବେଳେ ସୁଲଗ୍ନାଙ୍କ ମୁହଁରୁ ହାଲ୍‌କା ଶବ୍ଦଟିଏ ଶୁଭିଲା ସତରେ କଥାଟା ଠିକ୍ ହେଲାନି। କୌଣସି ପ୍ରତିକ୍ରିୟା ନ ଦେଇ ସୁଦର୍ଶନବାବୁ ଆଗକୁ ଆଗକୁ ପାଦ ବଢେଇଲେ। ରାସ୍ତା ଆରପଟରେ ଅଟୋ ଡ୍ରାଇଭର ଡାକ ଦେଲା ବାବୁ କୁଆଡେ ଯିବ। ମା କୁଆଡେ ଯିବ..। ସୁଲଗ୍ନାଙ୍କ ପାଦର ବେଗ ଏବେ ଟିକେ ଧୀର ପଡିଯାଇଥାଏ। ମନଟା ବୋଧହୁଏ ଉପକାର ଋଣରୁ ମୁକୁଳିବାର ବାଟ ଖୋଜୁଥାଏ।

*ମଙ୍ଗଳାବାଗ,*
*ନିୟୋଗି କଲୋନୀ, କଟକ–୧*

## ନୂଆବର୍ଷ

– ମୟୂରୀ ଦାଶ

ବର୍ଷ ବଦଳେ
ମାସ ବଦଳେ
ବଦଳେ ତ ଖାଲି ତାରିଖ...
ମନ ବଦଳେନି
ଭାବ ବଦଳେନି
ବଦଳେ ନାହିଁ ଯେ ସଂପର୍କ....।।

*–ହିଲଟାଉନ, ଭବାନିପାଟଣା,କଳାହାଣ୍ଡି*

## ଶୀତ

–ନିରୁପମା ରାୟ

କୁଆଁରୀ ଅଳସୀ ଅଳସ ଭାଙ୍ଗୁଛି,
ପାହାଡ଼ି ଅଗଣା ତଳେ।
ମିତଟିଏ ପରି ଆଦରରେ ଶୀତ,
କଅଁଳ ଦେହେ ତା ଖେଳେ।।
ହଳଦୀ ରଙ୍ଗର ରେଶମୀ ଶାଢ଼ିରେ
ହସୁଛି ସୋରିଷ କ୍ଷେତ।
ମାଟିରେ, ମାଟିରେ ଲେଖେ ମଗୁଶୁର,
ଜୀବନଚର୍ଯ୍ୟାର ଗୀତ।
ପାଚିଲା ଧାନର ମହୁଆ ବାସନା,
ପବନ ଆଣିଛି ଭରି।
ଜୀବନମଗ୍ନ ମଗୁଶୁର ହାତେ
ଶସ୍ୟ ସମ୍ଭାର ଶିରି।
ପଉଷ ପିନ୍ଧାଏ ମାଟିର କଟିରେ
କାକର କଟି ମେଖଳା।
ଶୀତ ଖାଲିନୁହେଁ ଯାତନାର ଋତୁ
ସେ ମନ୍ତ୍ର ମହୋତ୍ସବ ବେଳା।।

*–ପ୍ଲଟ ନଂ–୧୫୮୫*
*ଲେନ୍– ୫, ବିମାନ ଘାଟି ଅଞ୍ଚଳ , ଭୁବନେଶ୍ୱର,*

## 'ତନୁଶ୍ରୀ ଗାଆଁରେ ଶୀତ'

–କୈଳାସ ରାଉତ

ତନୁଶ୍ରୀ କହିଲେ
ଆମ ଗାଆଁ ଶୀତ
ସହର ଶୀତଠୁ ଭଲ,
କବି ବ୍ୟତିରେକ
କିଏ କଳିପାରେ
ସୋରିଷ ଫୁଲର ମୂଲ।
ମାଇ ସଂଜଠାରୁ
ଆମ ଗାଆଁ ଶୀତ
ଓଳିତଳେ ଛକି ବସେ,
ସହରୀ ଶୀତଟା
ଏଡ଼େ ଅଳସୁଆ
ଡେରି ରାତିରେ ସେ ଆସେ।
ଥୁରୁ ଥୁରୁ ଥରେ
ସନା ଧାନ କ୍ଷେତ
କୁହୁଡ଼ି ଚାଦର ଘୋଡ଼ି,
ତାଳ ତମାଳର
ଡାଳ ବାହୁଙ୍ଗାରେ
ଶୀତ ଦୋଳି ଧାଡ଼ି ଧାଡ଼ି।
ବିରହି ଶୃଗାଳ
ବ୍ୟଥାତୁର ସ୍ୱରେ
ପାହାନ୍ତି ପହରେ ଭୁକେ,
ଜେଜେ ମାଆ ଆମ
ନିଆଁ ଉହ୍ଲେଇରେ
ସେବେଳେ ଶୀତକୁ ସେକେ।
ବନା ବାଆଜିର
ଚୁଙ୍ଗି ଟାଳିଆରୁ
ଯୋଡ଼ି ଶଙ୍ଖ ଯେବେ ବାଜେ,
କଇଁ ପୋଖରୀର
ନିରୋଳା ତୁଠରେ
ନୂଆ ବୋହୂ ଦେହ ମାଜେ।
ଆତିଥ୍ୟ ଆଶାରେ
ସହରର ଶୀତ
ଛାତରୁ ଛାତକୁ ବୁଲେ,
ସବୁଠି ନିରାଶ
ହୋଇ ଶେଷେ ସିଏ
ବିଜୁଳି ଖୁଣ୍ଟରେ ଝୁଲେ।

*–ଜୁନାଗଡ଼, କଳାହାଣ୍ଡି*







# ଧରିତ୍ରୀ ୨୦୨୦

## ଜାନୁୟାରୀ ୦୧

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

## ଫେବୃୟାରୀ ୦୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

## ମାର୍ଚ୍ଚ ୦୩

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ଅପ୍ରେଲ ୦୪

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

## ମେ ୦୫

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ଜୁନ ୦୬

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

## ଜୁଲାଇ ୦୭

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

## ଅଗଷ୍ଟ ୦୮

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

## ସେପ୍ଟେମ୍ବର ୦୯

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

## ଅକ୍ଟୋବର ୧୦

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

## ନଭେମ୍ବର ୧୧

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

## ଡିସେମ୍ବର ୧୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

୨୬.୧ : ସାଧାରଣତନ୍ତ୍ର ଦିବସ, ୩୦.୧ : ଶ୍ରୀପଞ୍ଚମୀ, ୨୧.୨ : ମହାଶିବରାତ୍ରି, ୧୦.୩ : ହୋଲି, ୧୩.୪ : ମହାବିଷୁବ ସଂକ୍ରାନ୍ତି, ୨୫.୫ : ଇଦ୍-ଉଲ୍-ଫିତର୍,
୧୫.୬ : ରଜ ସଂକ୍ରାନ୍ତି, ୨୩.୬ : ରଥଯାତ୍ରା, ୧୫.୮ : ସ୍ୱାଧୀନତା ଦିବସ, ୨୨.୮ : ଗଣେଶ ପୂଜା, ୨୬.୧୦ : ଦଶହରା, ୧୪.୧୧ : ଦୀପାବଳି, ୨୫.୧୨ : ଖ୍ରୀଷ୍ଟମାସ



ମଡେଲ୍: ମନୀଷ–ଈପ୍ସିତା
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

ପ୍ରଥମ ରୋଜଗାର

# ପ୍ରଥମ ରୋଜଗାରରେ ସାଙ୍ଗମାନଙ୍କ ସହ ଖୁବ୍ ଖାଇଥିଲି



ଗାଳ୍ପିକ, ଔପନ୍ୟାସିକ, ସ୍ତମ୍ଭକାର, ନାଟ୍ୟକାର, ଅନୁବାଦକ ତଥା ଶିକ୍ଷାବିତ୍ ପ୍ରଫେସର୍ ଡ.ମୃଣାଳ ଚାଟାର୍ଜୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ କାଟୋଆରେ ମୋର ଜନ୍ମ ହୋଇଥିଲେ ହେଁ ପାଠପଢ଼ା ଭଦ୍ରକରେ ହୋଇଥିଲା। ଚରମ୍ପା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ଓ ଭଦ୍ରକ କଲେଜରୁ ଆଇ.ଏ, ବି.ଏ. ପଢ଼ା ସାରି କଟକ ରେଭେନ୍ସା କଲେଜରେ ଇଂଲିଶ୍ ପି.ଜି ପଢୁଥାଏ। ତା'ସହିତ ଏଲ୍ଏଲ୍ବି ମଧ୍ୟ କରୁଥାଏ। ଏହି ସମୟରେ ଆକାଶବାଣୀ କଟକ ତରଫରୁ କାଜୁଆଲ୍ ଆନାଉନ୍ସର (ଉଦ୍‌ଘୋଷକ) ପାଇଁ କେତୋଟି ପୋଷ୍ଟ ବାହାରିଲା। ସେଥିରେ ଆପ୍ଲାଏ କଲି ଆଉ ସିଲେକ୍ଟ ହେଲି। ସେତେବେଳେ ଜଣେ ଆନାଉନ୍ସରଙ୍କୁ ପ୍ରତି ପ୍ରୋଗ୍ରାମ୍ ପିଛା ୭୫ଟଙ୍କା ଦିଆଯାଉଥିଲା। ଆଉ ପ୍ରତି ଆନାଉନ୍ସର ପ୍ରାୟ ୬ଟି ପ୍ରୋଗ୍ରାମ ହିଁ କରୁଥିଲେ। ତେଣୁ ମୁଁ ବି ୬ଟି ପ୍ରୋଗ୍ରାମ କରିବା ପରେ ମୋତେ ଏକକାଳୀନ ୪୫୦ ଟଙ୍କା ମିଳିଥିଲା, ଯାହା ଥିଲା ମୋର ପ୍ରଥମ ରୋଜଗାର। ୧୯୮୦ ମସିହାରେ ଏହାର ମୂଲ୍ୟ ଢେର୍ ଥିଲା। ଖୁସିରେ ପାଦ ତଳେ ଲାଗୁ ନଥିଲା। କିନ୍ତୁ ଏକଥା ଘରେ ଜଣାଇ ନ ଥିଲି। ଘରେ କେବଳ ଜାଣିଥିଲେ ମୁଁ ରେଡିଓରେ କାମ କରୁଛି ହେଲେ ସେଥିପାଇଁ ପଇସା ମିଳେ ସେ ଧାରଣା ସେମାନଙ୍କର ନ ଥିଲା। ତେଣୁ ପ୍ରଥମ ଟଙ୍କା ପାଇଲା ପରେ ସାଙ୍ଗମାନେ ଟ୍ରିଟ୍ ମାଗିବାରୁ ସମ୍ପୂର୍ଣ୍ଣ ଟଙ୍କା ରେଷ୍ଟୁରାଣ୍ଟରେ ଖାଇବାରେ ହିଁ ସରିଗଲା। ଏହାର କିଛିଦିନ ପରେ ଘରକୁ ଗଲାବେଳେ ବହୁତ ମିଠା ନେଇକି ଯାଇଥାଏ। ଘରଲୋକେ ଆଶ୍ଚର୍ଯ୍ୟ ହୋଇଗଲେ ଏତେ ମିଠା ଆଣିବାକୁ ମୋ ପାଖେ ପଇସା କେଉଁଠୁ ଆସିଲା ବୋଲି। ମୋଠାରୁ ସବୁକଥା ଶୁଣିଲା ପରେ ମା' କହିଲେ- ଆଚ୍ଛା! ଏଥିପାଇଁ ପଇସା ବି ମିଳୁଛି, ତା'ହେଲେ ତୋତେ ଆଉ ପଇସା ଦିଆ ହବନି। ତା'ପରେ ମା'କୁ ବୁଝାଇଲି- ମୋତେ ସବୁ ମାସ ପଇସା ମିଳୁନି, ଯେଉଁ ମାସ କାମ ଦିଆଯାଉଛି ସେହି ମାସ ହିଁ କେବଳ ପଇସା ମିଳୁଛି। ସତରେ ପ୍ରଥମ ରୋଜଗାରର ଏହି ଅନୁଭୂତିଟି ମୋ ପାଇଁ ଏକ ଅଭୁଲା ସ୍ମୃତି। ତା'ସହିତ ଆକାଶବାଣୀ ପ୍ରତି ମୋ ମନରେ ବହୁତ କୃତଜ୍ଞତା ବି ରହିଛି। କାରଣ ଆକାଶବାଣୀ ମୋତେ ରୋଜଗାର ଦେବା ସହ ସମାଜରେ ଏକ ସ୍ୱତନ୍ତ୍ର ପରିଚିତି ଗଢ଼ିବାରେ ଅନେକ ସାହାଯ୍ୟ କରିଛି। କେବଳ ରେଡିଓ ନୁହେଁ ଦୂରଦର୍ଶନରେ ବି ସେତେବେଳେ କାମ କରିବାର ସୁଯୋଗ ପାଇଥିଲି। ଯେଉଁଥିପାଇଁ ପି.ଜି ପରେ ମହର୍ଷି କଲେଜରେ କିଛିଦିନ ଅଧ୍ୟାପନା କରି ସାମ୍ବାଦିକତା କ୍ଷେତ୍ରକୁ ଆପଣେଇ ନେଲି ଏବଂ ଏକ ଦୈନିକ ଓଡ଼ିଆ ଖବରକାଗଜରେ କାମ କରିବାକୁ ଲାଗିଲି। ଆଉ ତା'ଭିତରେ ମାଷ୍ଟର ଅଫ୍ ମାସ୍ କମ୍ୟୁନିକେଶନ ଓ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ୍‌ରେ ଏମ୍.ଏ. ସାରି ପିଏଚ୍.ଡି ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲି। ବେଶ୍ କିଛି ବର୍ଷ ଉକ୍ତ ଖବରକାଗଜ ସଂସ୍ଥାରେ କାମ କରିବା ପରେ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି), ଢେଙ୍କାନାଳରେ ଆସୋସିଏଟ୍ ପ୍ରଫେସର୍ ଭାବେ ଜଏନ୍ କରିଥିଲି। ଯେଉଁଠାରେ ଏବେ ମୁଁ ପ୍ରଫେସର୍ ଆଣ୍ଡ ରିଜିଓନାଲ୍ ଡାଇରେକ୍ଟର ଭାବେ କାର୍ଯ୍ୟରତ। ତେବେ ଏହି କର୍ମମୟ ଜୀବନ ଭିତରୁ ବି ସମୟ ବାହାର କରି ଅନେକ ଗପ, ଉପନ୍ୟାସ, ସ୍ତମ୍ଭ, ନାଟକ, ଅନୁବାଦ ତଥା ସାମ୍ବାଦିକତାକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଲେଖାମାନ ବି ଲେଖିଛି। ତନ୍ମଧ୍ୟରୁ ଭଲ ଅଛ ନବଘନ, ନବଘନ ଭଲ ଅଛି, ଯମରାଜ ଛୁଟିରେ ଇତ୍ୟାଦି ଗଳ୍ପ ସଂକଳନ, ସେକ୍ରେଟାରିଏଟ୍‌ରେ ବାଘ, ଶନି ମନ୍ଦିର ସାମ୍ନାରେ ସାତ ଭିକାରି, କୁକୁର କାହାଣୀ ଇତ୍ୟାଦି ଉପନ୍ୟାସ, ଜଗତେ ଥିବା ଯେତେଦିନ, ପଏଣ୍ଟ ବାଇ ପଏଣ୍ଟ, ଉଇନ୍‌ଡୋ ସିଟ୍ ଇତ୍ୟାଦି ରମ୍ୟରଚନା/ସ୍ତମ୍ଭ ସଙ୍କଳନ, ଲତା ପରିଭିଅଟିଏ, ନାଗରାଜର ଦୁନିଆ, ଶରଣାଗତ ଇତ୍ୟାଦି ଅନୁବାଦ ତଥା ହିଷ୍ଟ୍ରି ଅଫ୍ ଜର୍ନାଲିଜମ୍ ଇନ୍ ଓଡ଼ିଶା, ଓଡ଼ିଶାରେ ସାମ୍ବାଦିକତାର ଇତିହାସ ଇତ୍ୟାଦି ପୁସ୍ତକମାନ ପ୍ରକାଶିତ ହୋଇ ମୋତେ ଅନେକ ପାଠକୀୟ ପ୍ରଶଂସା ମିଳିଛି। ତା'ସହିତ ଏବେ ବି ରେଡିଓ ଓ ଦୂରଦର୍ଶନର ଅନେକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଏକ ନିଆରା ଆନନ୍ଦ ପାଇପାରୁଛି।

—ଅମ୍ବିତା

# ଆଶାରେ ରହିଲା ମନର ଆଶା, ତଥାପି ଖସୁନି ପ୍ରେମର ନିଶା

**ପ୍ରଶ୍ନ-** ମନରେ କେତେ ଆଶା କରିଥିଲି, ମନଲାଖି ପ୍ରେମିକାଟିଏ ଚଏସ କରିବି। ପ୍ରେମ ରାଇଜରେ ଘୂରି ବୁଲିବି। ହେଲେ ମୋର ସବୁ ଆଶା କେବଳ ଆଶାରେ ରହିଗଲା। ମନଲାଖି ପ୍ରେମିକାଟିଏ କେମିତି ପାଇବି କହିବେ କି ସାଥୀ ?

—ତପନ ରାଉତ, ଯାଜପୁର

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ସ୍ପଷ୍ଟ ଜଣାପଡୁଛି ଯେ, 'ଆଶାରେ ରହିଲା ମନର ଆଶା, ତଥାପି ଖସୁନି ପ୍ରେମର ନିଶା।' ହେଲେ ମନ ଉଣା କରିବା କ'ଣ ଦରକାର କହିଲେ ? ଗୋଟିଏ କଥା ଅଛି- ଫେଲ୍ୟୁରର ଇଜ୍ ଦ ପିଲାର୍ ଅଫ୍ ସକ୍‌ସେସ୍। ହେଲେ ମନଲାଖି ପ୍ରେମିକାଟିଏ ଖୋଜି ପାଇବା ଏତେ ସହଜ କଥା ନୁହେଁ। ଖାଲି ଉତାବିଳା ହୋଇ ଯାହାକୁ ମନ ତାକୁ ପ୍ରେମ ନିବେଦନ କଲେ ଯେ ସଫଳତା ମିଳିବ ତାହା ଭାବିବା ଭୁଲ। ପ୍ରଥମେ ସେହି ସୁନ୍ଦରୀର ମନର ପରିଭାଷାକୁ ଭଲ ଭାବରେ ପଢ଼ନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗ୍ନାଲ ମିଳୁଛି ତେବେ ବହି ଫିଟ୍ କରିବାକୁ ଡେରି କଲେ ହୁଏତ ଚାନ୍ସଟା ହାତଛଡା ହୋଇଯାଇପାରେ। ହେଲେ ପ୍ରେମ ରାସ୍ତାରେ ସବୁବେଳେ ଦେଖିଚାହିଁ ପାଦ ପକାନ୍ତୁ।

**ପ୍ରଶ୍ନ-** ଥରେ ଜଣେ ଝିଅ ସହ ଦେଖାହେଲା। କିଛି ସମୟର ଆଳାପ ପରେ ସେ ମୋତେ ଏମିତି ଚାହିଁଲା ଯେମିତି ସେ ମୋ ପ୍ରେମ ଜାଲରେ ଫସି ଯାଇଛି। ହେଲେ ତାକୁ ପ୍ରପୋଜ କରିବାକୁ ଡର ମାଡୁଛି। କ'ଣ କରିବି ?

—ଉତ୍ତର ପୁରୋହିତ, ସୋନପୁର

**ଉତ୍ତର:** ସେହି ଝିଅର ଚାହାଣିକୁ ପଢ଼ି ପାରିଲେ, ହେଲେ ଆଗେଇବେ କି ନାହିଁ ଜାଣିପାରିଲେ ନାହିଁ। ସେହି ସମୟରେ ଟିକେ ଅକଲ ଖଟାଇବାର ଥିଲା। କାରଣ ବେଳକାଳ ଦେଖି ତୀର ମାରିଲେ ତାହା ଠିକ୍ ଜାଗାରେ ବାଜିଥାଏ। ଯଦି ତା'ପରେ ପାଣିପାଗ ବଦଳି ଗଲା ତେବେ ସେହି ଝିଅକୁ ପ୍ରେମିକା ଭାବରେ ପାଇବା ଆଶା କରିବା ହୁଏତ ବୃଥା ହୋଇପାରେ। ତେଣୁ ଦ୍ୱିତୀୟ ଆଟେମ୍ପଟ୍ କରିବା ବେଳେ ଯଦି ସବୁ କିଛି ଠିକ୍ ଠାକ୍ ଲାଗେ ତେବେ ମନ ଦୃଢ଼ କରି ପ୍ରପୋଜ କରନ୍ତୁ ନା ! ଯଦି ମନରେ ମନ ମିଶିଗଲା ତେବେ ଜାଣିନିଅନ୍ତୁ ଆପଣଙ୍କର ପ୍ରେମ ମିଶନ ସକ୍‌ସେସ ହୋଇଗଲା।

**ପ୍ରଶ୍ନ-** ସୁନ୍ଦରୀ ଚାହାଣିରେ ପ୍ରେମ ଥାଏ, ପୁଣି କେତେବେଳେ ଧୋକା। ସେମାନେ ଭଲ ପାଇ ଧୋକା ଦିଅନ୍ତି କାହିଁକି ?

—ଅଜିତ କୁମାର, ଜଗତ୍‌ସିଂହପୁର

**ଉତ୍ତର:** ଇଏ ବଡ ଗହନ କଥା। ହେଲେ ପ୍ରେମର ପାଣିପାଗ ସମ୍ପୂର୍ଣ୍ଣ ଭାବରେ ଦୁହିଁଙ୍କ ବିଶ୍ୱାସ ଉପରେ ନିର୍ଭର କରିଥାଏ। ଯେତେବେଳେ ଏଥିରେ ଅବିଶ୍ୱାସର ଭାଇରସ ପ୍ରବେଶ କରେ ସେତେବେଳେ ସବୁକିଛି ଗଡବଡ ହୋଇଯାଏ। ତେଣୁ ପ୍ରେମରେ ଧୋକା ଖାଇବା ପରେ ପ୍ରେମିକାର ଚାହାଣି ନୁହେଁ, ପାଣିପାଗକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ତାହା ସବୁବେଳେ ଗୋଳିଆ ରହିଲା ତେବେ ସେଭଳି ପ୍ରେମରେ ଧୋକା ଖାଇବା ପୂର୍ବରୁ ଗୁଡବାୟ କରିଦେବା ଭଲ।

**ପ୍ରଶ୍ନ-** ମନରେ ମନଟିଏ ମିଶିଲେ ପ୍ରେମ ହୁଏ। ହେଲେ ମୁଁ ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ଆଉ ଜଣକୁ ଭଲ ପାଉଛି କେମିତି ?

—ସୁବୋଧ ନାୟକ, ପୁରୀ

**ଉତ୍ତର:** ଆପଣଙ୍କ ପ୍ରେମ ଯେତେବେଳେ ସୃଷ୍ଟି ହେଲା ସେତେବେଳେ ଏପରି କିଛି ଲୁପହୋଲ୍ ରହିଯାଇଛି ଯାହା ଆପଣଙ୍କ ପଛରେ ଛାଇ ହୋଇ ଗୋଡେଇଛି। ଯଦି ଏବେ ଜାଣିପାରୁଛନ୍ତି ଯେ ଆପଣଙ୍କ ପ୍ରେମିକା ଆଉ କାହାକୁ ଭଲ ପାଉଛି ତେବେ ଧରି ନିଅନ୍ତୁ ଆପଣଙ୍କ ସହ ସେ ପ୍ରେମର ନାଟକ କରୁଥିଲା, ଯାହାକୁ ଆପଣ ପ୍ରେମ ନିଶାରେ ପାଗଳ ହୋଇ ଧରିପାରିଲେ ନାହିଁ। ଯଦି ଏବେ ଅସଲ କଥା ଜାଣିସାରିଲେଣି ତେବେ ସେଭଳି ପ୍ରେମକୁ ନେଇ ସଙ୍କୁଳି ହେବା ଅପେକ୍ଷା ଯେତେଶୀଘ୍ର ପୂର୍ଣ୍ଣଚ୍ଛେଦ ପକାଇ ଦେବେ ତାହା ଆପଣଙ୍କ ପାଇଁ ଭଲ ହେବ।



ସାଥୀ

# ଈଶ୍ୱରଙ୍କ ଗଣିତ

ଆମେମାନେ ଦୁନିଆରେ ଦେଖୁ ଯେ, ଯେଉଁମାନେ ଧନୀ ସେମାନଙ୍କର ଧନ ଦିନକୁ ଦିନ ବଢ଼ୁଛି। ରୋଗ, ଦୁଃଖ, ବିପଦ ଆଦି ଖୁବ୍ କ୍ୱଚିତ୍ ସେମାନଙ୍କର ଥାଏ। କିନ୍ତୁ ଯେଉଁମାନେ ଦିନକୁ ଦି ଓଳି ଖାଇବାକୁ ମୁଠାଏ ପାଆନ୍ତି ନାହିଁ, ସେମାନଙ୍କ ଉପରେ ବହୁ ବିପଦ। ଏମିତିରେ ଫଟା ଅଧୁଲିଟିଏ ନ ଥିବ ତେଣେ ପୁଅ ଆକ୍ସିଡେଣ୍ଟରେ ପଡିବଣି, ସ୍ତ୍ରୀର ବ୍ଲଡପ୍ରେସର, ନିଜର ହେଭି ଡାଇବେଟିସ୍, ନିଜର ଏକମାତ୍ର ସୁନ୍ଦରୀ ଝିଅକୁ ତେଣେ କୋଉ ଲଫଙ୍ଗା ଟୋକା ନେଇ ପଳାଇଲାଣି, ଏଣେ ଥାନାରେ ଏଫ୍ଆଇଆର୍ ଦେଲେ ପୋଲିସ ଶୁଣୁନି। କୋର୍ଟକୁ ଯିବାକୁ ପଇସା ନାହିଁ-ଏମିତି କେତେ ଦୁଃଖ ଜଞ୍ଜାଳ ଭିତରେ ଘାଣ୍ଟି ଚକଟି ହେଉଥାଏ ଗରିବ ମେହନତି ମଣିଷଟିଏ।

ଅନେକ ସମୟରେ ସନ୍ୟାସୀ ଭାବେ, ଆଉ ଆପଣମାନେ ବି ଭାବୁଥିବେ ଯେ ବୋଝ ଉପରେ ନଳିତା ବିଡା ପରି ଦୁଃଖୀଟିଏ ଏତେ ଦୁଃଖ ପାଏ କାହିଁକି? ଅନ୍ୟପକ୍ଷରେ ଧନ ଉପରେ ଧନ ପାଇ ଧନୀଟିଏ ଆରାମରେ ବୁଲୁଥାଏ। କେବଳ ସୁଖ ଆଉ ସୁଖ।

ହେଲେ ପାଠକେ, ମନେ ରଖିବା ଦରକାର ଯେ ମଣିଷର ହିସାବ କିତାବରେ ଗୋଳମାଳ ହୋଇପାରେ କିନ୍ତୁ ଈଶ୍ୱରଙ୍କ ହିସାବ ପୂରା ପକ୍କା। ସେ କାହାକୁ ଗରିବ କରିବେ, କାହାକୁ ଧନୀ କରିବେ, କାହାକୁ ଧନୀରୁ ଗରିବ ବା ଗରିବରୁ ଧନୀ କରିବେ-ଏ କଥା ଆମ ଅପେକ୍ଷା ତାଙ୍କୁ ବେଶି ଜଣା। ଆମ ମନ ବୁଝେନା ବୋଲି ଆମେ କାହା ଦୁଃଖ ଦେଖି କାନ୍ଦୁ ବା କାହା ସୁଖରେ ଖୁସି ହେଉ।

ହେଲେ ମନରେ ପ୍ରଶ୍ନ ଉଠେ ଅସଲରେ ଈଶ୍ୱର ଏମିତି କରନ୍ତି କାହିଁକି? ଦୁଃଖ ପାଉଥିବା ଲୋକଟି ଈଶ୍ୱରଙ୍କ ହିତ ହାଣି ଦେଉଥାଏ ନା ସୁଖୀ ଲୋକଟା ଈଶ୍ୱରଙ୍କ ଘରେ ପନିପରିବା, ଘିଅ,ମହୁ କିଛି ଲାଞ୍ଚ ଦେଇ ଆସିଥାଏ? କଳିଯୁଗର ବହେ ଲାଞ୍ଚୁଆ ଲୋକଙ୍କ ପରି କ'ଣ ଈଶ୍ୱରଙ୍କ ଚରିତ୍ର ?

ପାଠକେ, ଏହା ଏକ ବିରାଟ ପ୍ରଶ୍ନ। ଏହାର ଉତ୍ତର ଖୋଜି ବସିଲେ ଗୋଟିଏ ବଡ଼ ବହି ହେବ। ଏହି ସଂକ୍ଷିପ୍ତ ସ୍ଥାନରେ ବର୍ଣ୍ଣନା ସମ୍ଭବ ନୁହେଁ। ତଥାପି ଅନେକଗୁଡ଼ିଏ ଉତ୍ତର ମଧ୍ୟରୁ କେବଳ ଗୋଟିଏ ଉତ୍ତର ବାବଦରେ ଆମେ ଆଜି ଶୁଣିବା।



ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ୟାସୀ

ଗପଟିଏ ଶୁଣିବା ହୁଅନ୍ତୁ।

ଦୁଇଜଣ ବାଟୋଇ ଏକ ଦୂର ଜାଗାକୁ ଯାଉଥିଲେ। ବେଳ ବୁଡ଼ିଗଲା। ଦୁଇଜଣ ଯାକ ଯାଇ ଗୋଟିଏ ମନ୍ଦିର ବେଢ଼ାରେ ରାତ୍ରିଯାପନ କଲେ। କିଛି ସମୟ ପରେ ତୃତୀୟ ଜଣେ ବାଟୋଇ ଆସି ସେ ମନ୍ଦିରରେ ପହଞ୍ଚିଲେ। ରାତ୍ରି ଭୋଜନ ସମୟ ଉପଗତ ହେଲା। ପ୍ରଥମ ବାଟୋଇ ପାଖରେ ୩ଟି, ଦ୍ୱିତୀୟ ବାଟୋଇ ଝୁଲାରେ ୫ଟି -ଏମିତି ୮ଟି ରୁଟି ଥିଲା। ତୃତୀୟ ବାଟୋଇ ପାଖରେ କିଛି ନାହିଁ। ଦୁଇଜଣ ଖାଇବେ। ଆଉ ଜଣେ ଉପାସରେ ଶୋଇବ। ଏହା କ'ଣ କଥା ଅବସ୍ଥା?

ପ୍ରଥମ ବାଟୋଇ କହିଲା-ରୁଟି ୮ଟିକୁ ବାଟୋଇ ୩। ଜଣଙ୍କ ପିଛା ୨ ପଟ ଲେଖାଏଁ ବାଣ୍ଟିଲେ ବଳିପଡୁଛି ୨ଟି। ଯାକୁ ପୁଣି କେମିତି ବାଣ୍ଟିବା?

ତୃତୀୟ ବାଟୋଇ, ସିଏ ତା'ର ଚୁପଚାପ ହୋଇ ବସିଥାଏ। ତା ପାଖେ ତ ଖାଇବାକୁ ନାହିଁ। ସିଏ ଆଉ କ'ଣ କରିବ। ସେ କେବଳ ପ୍ରାର୍ଥନା କରୁଥାଏ। ଯେ ଦୁଇ ବାଟୋଇ ଏଣେ ଚିନ୍ତା କରୁଥାନ୍ତି-ରୁଟି କେମିତି ସମାନ ସମାନ ଭାଗରେ ବାଣ୍ଟିବେ।

ବହୁ ଚିନ୍ତା କଲାପରେ ଦ୍ୱିତୀୟ ବାଟୋଇ ମଗଜରେ ଗୋଟିଏ ଆଇଡିଆ ପଶିଲା। ସେ ପ୍ରତ୍ୟେକ ରୁଟିକୁ ୩ଟି ଖଣ୍ଡରେ ବିଭକ୍ତ କଲା। ଏମିତିରେ ୮ଟି ରୁଟିକୁ ୨୪ ଖଣ୍ଡ ହେଲା। ଖାଇବା ବାଲା ୩। ତେଣୁ ଜଣଙ୍କ ପିଛା ୮ ଖଣ୍ଡ ରୁଟି ପଡିଲା। ଏଥିରେ କେହି ଖୁସି ହେବାର ନାହିଁ କି କେହି ଦୁଃଖ କରିବାର ନାହିଁ।

ଭୋଜନ ନିମନ୍ତେ ତୃତୀୟ ବାଟୋଇକୁ ନିମନ୍ତ୍ରଣ କଲେ ଅନ୍ୟ ଦୁଇ ବାଟୋଇ। ଆନନ୍ଦରେ ଭୋଜନ କଲେ।

ରାତି ପାହି ଆସିଲା। ପ୍ରଥମ ବାଟୋଇ ଆଗେ ଉଠିଲା। ଦେଖିଲା ତୃତୀୟ ବାଟୋଇଟି କେତେବେଳୁ ଉଠି ଚାଲିଯାଇଛି। କିନ୍ତୁ ୮ଟି ସ୍ୱର୍ଣ୍ଣ ମୁଦ୍ରା ରଖି ଦେଇଯାଇଛି। ଦ୍ୱିତୀୟ ବାଟୋଇ ବି ନିଦ ମଳମଳ କରି ଉଠିଲା। ଆଖି ଆଗରେ ସ୍ୱର୍ଣ୍ଣମୁଦ୍ରା। ଚିଠିଟିଏ ପାଖରେ ପଡ଼ିଛି। ଲେଖାଅଛି ରାତ୍ରି ଭୋଜନ ପାଇଁ ଉପହାର।

ବାଟୋଇ ଦ୍ୱୟ ଆନନ୍ଦିତ। କିନ୍ତୁ ପରେ ଆରମ୍ଭ ହେଲା ମନୋମାଳିନ୍ୟ। ପ୍ରଥମ ବାଟୋଇ କହିଲା -ମୋର ୪ଟିକୁ ତୁମର ୪। ସମାନ ଭାବରେ ବାଣ୍ଟିନେବା।

ଦ୍ୱିତୀୟ ବାଟୋଇ କହିଲା-ନା... ନା..। ସେମିତି ହେବନି। ମୁଁ ଦେଇଥିଲି ୫ଟି ରୁଟି। ତେଣୁ ମୁଁ ନେବି ୫, ତୁ ନେ ୩।

ହାତାହାତି ହେବାକୁ ଯାଉଥିଲେ। ମନ୍ଦିର ପୂଜକ ଆସି ପହଞ୍ଚିଗଲେ। ସବୁ କଥା ଶୁଣିଲେ। ଜଣେ କହୁଛି ୪-୪ ତ ଆଉ ଜଣେ କହୁଛି ୫-୩। ପୂଜକକୁ ୫-୩ ନ୍ୟାୟଟି ପସନ୍ଦ ହେଉଥିଲା। ହେଲେ ଏଥିରେ ଅନ୍ୟ ବାଟୋଇଟି ସହମତ ହେବନି। ଭଲା ସମାଧାନ କେମିତି ହେବ?

ପୂଜକ କହିଲେ-ହଉ ଠିକ୍ ଅଛି। ମୋତେ ସବୁତକ ସ୍ୱର୍ଣ୍ଣମୁଦ୍ରା ଦେଇଦିଅ। ମୁଁ ରାତିରେ ଠାକୁରଙ୍କୁ ପଚାରି କାଲି ସକାଳେ ଆପଣଙ୍କୁ ନ୍ୟାୟ ଜଣାଇବି।

ରାତିରେ ପୂଜକଙ୍କୁ ସ୍ୱପ୍ନାଦେଶ ହେଲା-ଶୁଣ, ଭାଗ ବଣ୍ଟୁଆର ୪-୪ କି ୫-୩ ନୁହେଁ, ତା ହେବ ୧-୭। ଅର୍ଥାତ ପ୍ରଥମ ବାଟୋଇ ପାଇବ ଗୋଟିଏ ଏବଂ ଦ୍ୱିତୀୟ ବାଟୋଇ ପାଇବ ୭ଟି ସ୍ୱର୍ଣ୍ଣମୁଦ୍ରା।

ଈଶ୍ୱରଙ୍କ ନିର୍ଦ୍ଦେଶାନୁସାରେ ଠିକ୍ ସେମିତି ହିଁ ପୂଜକ ବାଣ୍ଟିଦେଲେ। ନ୍ୟାୟର ବିଶ୍ଳେଷଣ ଶୁଣିବା ପରେ ଦୁଇ ବାଟୋଇ ନିଜ ନିଜ ସ୍ୱର୍ଣ୍ଣମୁଦ୍ରା ଗ୍ରହଣ ପାଇଁ ଏକରକମ ବାଧ୍ୟ ହେଲେ।

ପାଠକେ! ଆପଣମାନେ ଚିନ୍ତିତ ହୋଇପଡ଼ିବେଣି। ଏମିତି କ'ଣ ନ୍ୟାୟ ହେଲା ମ!! ସ୍ୱର୍ଣ୍ଣମୁଦ୍ରାର ବଣ୍ଟନ ୪-୪ ହେଉ କି ୩-୫ ହେଉ, ଆମ ବିଚାରରେ କିଛି ଅସୁବିଧା ନ ଥିଲା। ହେଲେ ଈଶ୍ୱର କେଉଁ ତର୍କରେ ଜଣକୁ ଦେଲେ ଗୋଟିଏ, ଅନ୍ୟକୁ ଦେଲେ ୭ଟି!!

ଈଶ୍ୱର ଅବଶ୍ୟ ପୂଜକଙ୍କୁ ସବୁ ବୁଝାଇ ଦେଇଥିଲେ। ଏଠି କଥା ଉଠୁଛି-ଯିଏ ଯେତେ ଅନ୍ୟକୁ ଦାନ କରିଛି, ସିଏ ସେଇ ଅନୁପାତରେ ପ୍ରତିଦାନ ବି ପାଇଛି। ତିନି ବାଟୋଇକୁ ୨୪ ଖଣ୍ଡ ରୁଟି। ଜଣ ପିଛା ୮ ଖଣ୍ଡ ରୁଟି ଭାଗ ପଡିଲା। ଏବେ ଦେଖିବା ତୃତୀୟ ବାଟୋଇକୁ କିଏ କେତେ ଦାନ କରିଛି। ପ୍ରଥମ ବାଟୋଇ ପାଖରେ ୩ ପଟ ରୁଟି ଥିଲା। ଏହା ହେଲା ୯ ଖଣ୍ଡ। ଏଥିରୁ ସେ ନିଜେ ଖାଇଛି ୮ ଖଣ୍ଡ। ମାତ୍ର ଖଣ୍ଡିଏ ତୃତୀୟ ବାଟୋଇ ପତରକୁ ଯାଇଛି। ତେଣୁ ସେ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ପାଇବାକୁ ହକ୍‌ଦାର। ସେଇ ନ୍ୟାୟରେ ଦ୍ୱିତୀୟ ବାଟୋଇ ୭ଟି ସ୍ୱର୍ଣ୍ଣମୁଦ୍ରା ପାଇଥିଲା।

ବନ୍ଧୁଗଣ। ଗପଟି ସରିଲା। ଆମ ହିସାବ ଠୁଁ ଈଶ୍ୱରଙ୍କ ହିସାବ ବେଶ୍ ନିଆରା ଆଉ ଠିକ ମଧ୍ୟ। ତେଣୁ ଗରିବକୁ ଆହୁରି ଗରିବ, ଧନୀକୁ ଢ଼େର ଧନୀ, ଦୁଃଖୀକୁ ମହାଦୁଃଖୀ ଆଦି କରିବାରେ ତାଙ୍କ ଗଣିତ କେବେ ବି ଭୁଲ ହୋଇ ନ ଥିବ। ଏହା ଶତ ପ୍ରତିଶତ ସତ୍ୟ।

-ରାମନଗର,
ତେଲେଙ୍ଗାପେଣ୍ଠ, କଟକ



## ବାସ୍ତୁ ଅନୁସାରେ ସଜାନ୍ତୁ ଅଫିସ୍ ଡେସ୍କ

*ଅନେକ ଏମିତି ଅଛନ୍ତି, ଯେଉଁମାନେ ନିଜର ଅଫିସ୍ ଡେସ୍କକୁ ସଜାଇ ରଖିବାକୁ ଖୁବ୍ ପସନ୍ଦ କରନ୍ତି। ସେଥିପାଇଁ ସେମାନେ ଡେସ୍କ ଉପରେ ଛୋଟ ଛୋଟ ଇନ୍‌ଡୋର୍ ପ୍ଲାଣ୍ଟ, ମୂର୍ତ୍ତି ତଥା ଫଟୋ ଆଦି ରଖିଥାନ୍ତି ଏହା ଦେଖିବାକୁ ସିନା ଭଲ ଲାଗେ, ହେଲେ ଯଦି ତାହା ବାସ୍ତୁ ଅନୁସାରେ ସଜା ହୋଇ ନ ଥାଏ, ତା'ହେଲେ ତାହାର ନକାରାତ୍ମକ ପ୍ରଭାବ ବି କ୍ୟାରିୟର୍ ଉପରେ ପଡ଼ିଥାଏ। ତେଣୁ ବାସ୍ତୁ ଅନୁଯାୟୀ ଅଫିସ୍ ଡେସ୍କକୁ କେମିତି ସଜାଇବେ ଆସନ୍ତୁ ଜାଣିବା...*

- ଡେସ୍କର ପୂର୍ବ କିମ୍ବା ଉତ୍ତର କୋଣରେ ମନିପ୍ଲାଣ୍ଟ କିମ୍ବା ବାମ୍ବୋ ପ୍ଲାଣ୍ଟ ରଖିଲେ ସୁନ୍ଦର ଦେଖାଯିବା ସହ ସମୃଦ୍ଧି ବଢ଼ିଥାଏ। ତା'ଛଡ଼ା ଡେସ୍କ ଉପରେ କେବେ ବି ଶୁଖି ଯାଇଥିବା କିମ୍ବା କଣ୍ଟା ଥିବା ପ୍ଲାଣ୍ଟ ରଖିବା ଠିକ୍ ନୁହେଁ। ଏହା ନିରାଶର ସୂଚନା ଦେଇଥାଏ।
- ଡେସ୍କର ଉତ୍ତର ପଟେ ସବୁଜ ବନାନୀ କିମ୍ବା ପବନରେ ଦୋହଲୁଥିବା ଫସଲର ଫଟୋ ରଖିଲେ ଅନେକ ଲାଭ ମିଳିଥାଏ। ସେହିପରି ଗଛଲତା, ଦୌଡୁଥିବା ଘୋଡ଼ା, ସ୍ୱସ୍ତିକ ଚିହ୍ନ କିମ୍ବା ସୂର୍ଯ୍ୟୋଦୟର ଚିତ୍ର ଥିବା ଯେ କୌଣସି ଫଟୋ ଡେସ୍କର ଏହି କୋଣରେ ଲଗାଇପାରିବେ। କିନ୍ତୁ ଛୋଟ ପିଲାର କାନ୍ଦିବା ଫଟୋ, କଟା ହୋଇଥିବା ଗଛ କିମ୍ବା ଭାଙ୍ଗିଯାଇଥିବା କୌଣସି ମୂର୍ତ୍ତିର ଫଟୋ ଡେସ୍କରେ ରଖିବା ଉଚିତ ନୁହେଁ। ଏହା ଅଫିସ୍‌ରେ ନକାରାତ୍ମକ ପ୍ରଭାବ ପକାଇଥାଏ।
- ଆପଣ ଚାହିଁଲେ ସତେଜ ଫୁଲତୋଡ଼ାକୁ ଡେସ୍କ ଉପରେ ରଖି ବି ଆନନ୍ଦ ଅନୁଭବ କରିପାରିବେ।
- ଯଦି ଠାକୁରଙ୍କର ଫଟୋ ରଖିବା ପାଇଁ ଚାହୁଁଥାନ୍ତି, ତା'ହେଲେ ତାକୁ ଡେସ୍କର ଉତ୍ତର ଓ ପୂର୍ବ ଦିଗରେ ରଖିପାରିବେ। କିନ୍ତୁ ଧ୍ୟାନ ଦେବେ ଠାକୁରଙ୍କର ଫଟୋ ଉପରେ ଯେମିତି ଧୂଳି ନ ଜମିବ।
- ଡେସ୍କ ଉପରେ ଜିନିଷପତ୍ରକୁ ସବୁବେଳେ ସଜାଡ଼ିକି



ରଖିବା ଦରକାର। ଖାସ୍‌କରି ଫାଇଲ୍ ଓ କାଗଜପତ୍ରଗୁଡ଼ିକୁ ଡେସ୍କ ଉପରେ ଗଦା କରିକି ରଖିବା ଉଚିତ ନୁହେଁ। ଏହାଦ୍ୱାରା ସୃଜନଶୀଳତା ଉପରେ କୁ-ପ୍ରଭାବ ପଡ଼ିଥାଏ।
- ଯେଉଁ ଡେସ୍କ ଉପରେ ଆମେ କାମ କରୁଛେ, ତାହା ବହୁତ ପବିତ୍ର ହୋଇଥାଏ। କାରଣ ଏହିଠାରେ କାମ କରି ହିଁ ଆମେ ଆମର ଜୀବିକା ପାଇଁ ଅର୍ଥ ଉପାର୍ଜନ କରୁଛେ। ସେଥିପାଇଁ ଏହି ଡେସ୍କ ଉପରେ କେବେ ବି ଚା/କଫି ପିଇବା, ଭୋଜନ କରିବା କିମ୍ବା ଆମିଷ ଖାଇବା କଥା ନୁହେଁ। କାରଣ ଏହା କାର୍ଯ୍ୟସ୍ଥଳରେ କ୍ଲେଶ, ମାନସିକ ଅଶାନ୍ତି ତଥା କ୍ୟାରିୟର୍‌ରେ ବାଧା ସୃଷ୍ଟି କରିଥାଏ।
- କାମ ପ୍ରତି ଉତ୍ସାହଭାବ ଆଣିବା ପାଇଁ ଚାହୁଁଥିଲେ, ଡେସ୍କର ଉତ୍ତର-ପୂର୍ବ ଦିଗରେ ଗୋଟିଏ କ୍ରିଷ୍ଟାଲ୍ ଗ୍ଲୋବ ରଖିପାରିବେ। ଆଉ ଏହାକୁ କାମ କରିବା ଭିତରେ ଦୁଇ-ତିନିଥର ବୁଲାଇଲେ କାମ କରିବା ପାଇଁ ସକାରାତ୍ମକ ଉର୍ଜା ଆସିଥାଏ। ସେହିପରି ଡେସ୍କ ଉପରେ ଫିଟିକିରି ଗୋଟେ ଛୋଟ ଖଣ୍ଡ କିମ୍ବା ପେନ୍‌ଷ୍ଟାଣ୍ଡ ଭିତରେ କର୍ପୂର ରଖିଲେ ବି ଏହାର ଅନେକ ଫାଇଦା ମିଳିଥାଏ।

## ମଡେଲ ମିରର୍

ପ୍ରିୟଙ୍କା



**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ନୋବେଲ

ଗୋପୀ ତା' ଡୋର୍ ବେଲ୍ ବାହାର କରିଦେଇଥାଏ। ଏହା ଦେଖି ମହେଶ-ଆରେ ଡୋର୍ ବେଲ୍ କାହିଁକି ବାହାରକଲୁ ?
ଗୋପୀ- ବେଲ୍ ବାହାର କଲେ ସିନା ନୋ-ବେଲ୍ ପ୍ରାଇଜ୍ ମିଳିବ।

### ମାଧ୍ୟାକର୍ଷଣ

ବିଜ୍ଞାନ ଶିକ୍ଷକ ଗୋଲୁକୁ- ଆରେ ତୁ କ'ଣ ଢୁଳଉଛୁ ?
ଗୋଲୁ- ନାଇଁ ସାର୍, ମାଧ୍ୟାକର୍ଷଣ ଶକ୍ତି ପାଇଁ ମୋ ମୁଣ୍ଡ ଖାଲି ତଳକୁ ଟାଣି ହୋଇଯାଉଛି।

### ଚୁଟି

ମା' ପୁଅକୁ- ତୁ ଏତେ ଲମ୍ବା ଚୁଟି କାହିଁକି ରଖିଛୁ ? ଜଲ୍‌ଦି କାଟିଦେ।
ପୁଅ- କାହିଁକି ? ତୁ ଜାଣିନୁ ବୋଧେ ଏଇଟା ଆଜିକାର ଫ୍ୟାଶନ୍।
ମା'- ଫ୍ୟାଶନ୍ ନା ଚୋପା। କାଲି ତୋ ଭଉଣୀକୁ ଯେଉଁ ପୁଅ ଦେଖିବାକୁ ଆସିଥିଲା। ସେ ଫୋନ୍ କରି କହିଲା, ମତେ ତୁମ ସାନ ଝିଅ ପସନ୍ଦ। ଏବେ କ'ଣ କରିବା କହ।










# କେଉଁଠି ପାଳିବେ ନୂଆବର୍ଷ

**ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆ ବର୍ଷକୁ ସ୍ୱାଗତ କରିବାକୁ ଏବେ ସମସ୍ତେ ପ୍ରାୟ ପ୍ରସ୍ତୁତ ହୋଇସାରିବେଣି। ଏପରିକି କେହି କେହି ତ ନୂଆବର୍ଷରେ କେଉଁ ନୂଆ ଜାଗାକୁ ବୁଲି ଯିବା ପାଇଁ ପ୍ଲାନିଂ ବି କରିବେଣି। ଯଦି ଆପଣ ମଧ୍ୟ ସେମିତି କିଛି ଯୋଜନା କରୁଥାନ୍ତି, ତା'ହେଲେ ଏଠାରେ ଦିଆଯାଇଥିବା କିଛି ଖାସ୍ ଡେଷ୍ଟିନେଶନ ମଧ୍ୟରୁ କାହାକୁ ବି ଚୟନ କରିପାରିବେ। କାରଣ ଏହିସବୁ ସ୍ଥାନଗୁଡ଼ିକରେ ବେଶ୍ ଆକର୍ଷଣୀୟ ଢଙ୍ଗରେ ନୂତନ ବର୍ଷକୁ ସ୍ୱାଗତ କରାଯାଇଥାଏ। ଯେଉଁଠାକୁ ଗଲେ ନିଆରା ଅନୁଭୂତି ମିଳିବା ସହ ସ୍ଥାନୀୟ କିଛି ପର୍ଯ୍ୟଟନସ୍ଥଳୀ ଦେଖିବାର ସୁଯୋଗ ବି ମିଳିଥାଏ...**




**ଉଦୟପୁର:** ହ୍ରଦର ସହର ଭାବେ ପରିଚିତ ରାଜସ୍ଥାନର ଉଦୟପୁର ସେହି ପର୍ଯ୍ୟଟକଙ୍କ ପାଇଁ ବେଷ୍ଟ ପାର୍ଟି ଡେଷ୍ଟିନେଶନ, ଯେଉଁମାନେ ସପରିବାରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଥାନ୍ତି। କାରଣ ଏଠାକାର ସଂସ୍କୃତି ଓ ପରମ୍ପରା ବେଶ୍ ମନଛୁଆଁ, ଯେଉଁଥିରୁ ଅନେକ କିଛି ଶିଖି ବି ହୁଏ। ତା'ଛଡ଼ା ନୂଆବର୍ଷ ଅବସରରେ ଏଠାକାର ସାଜସଜ୍ଜାରେ ଫଟୋ ଉଠାଇବା ସହ ଶପିଂ ତଥା ରାଜସ୍ଥାନୀ ଖାଇବାର ମଜା ନେବା ହିଁ କିଛି ନିଆରା ଆନନ୍ଦ ଦେଇଥାଏ।

**ଜୈସଲମେର୍:** ରାଜସ୍ଥାନର ଜୈସଲ୍‌ମେର୍ ବି ନୂଆବର୍ଷର ଛୁଟି କଟାଇବା ପାଇଁ ଖୁବ୍ ଭଲ ସ୍ଥାନ। 'ଦି ଗୋଲ୍ଡେନ୍ ସିଟି' ଭାବେ ପରିଚିତ ଏହି ସହରର ମୁଖ୍ୟ ଆକର୍ଷଣ ହେଉଛି ଜୈସଲମେର୍ ଦୁର୍ଗ। ତା'ଛଡା ଏଠାରେ ଓଟ ପିଠିରେ ବସି ବୁଲିବା, ପର୍ଯ୍ୟଟକଙ୍କ ପାଇଁ ବାଲି ଉପରେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା କ୍ୟାମ୍ପରେ ରହିବା ସାଙ୍ଗକୁ ରାଜସ୍ଥାନୀ ଖାଦ୍ୟର ସ୍ୱାଦ ନେବା ହିଁ କିଛିଟା ଅଲଗା ଅନୁଭୂତି ଦେଇଥାଏ।




**ଜୟପୁର:** ପିଙ୍କ୍ ସିଟି ଭାବେ ପରିଚିତ ରାଜସ୍ଥାନର ଜୟପୁରରେ ବି ନୂଆବର୍ଷ ଅବସରରେ ରଙ୍ଗିନ ଆଲୋକମାଳାର ସାଜସଜ୍ଜା ସାଙ୍ଗକୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ଦେଖିବାକୁ ମିଳିଥାଏ। ଖାସ୍‌କରି ଏଠାକାର ହାୱା ମହଲ, ଜଲ୍ ମହଲ୍, ସିଟି ପ୍ୟାଲେସ୍, ଆମେର୍ ଦୁର୍ଗ, ଜନ୍ତରମନ୍ତର ଇତ୍ୟାଦି ପର୍ଯ୍ୟଟନସ୍ଥଳଗୁଡ଼ିକୁ ନୂଆବର୍ଷ ପାଇଁ ଖୁବ୍ ସୁନ୍ଦର ଭାବେ ସଜା ଯାଇଥାଏ, ଯାହାକୁ ଦେଖିବା ପାଇଁ ନୂଆବର୍ଷରେ ଆଗନ୍ତୁକଙ୍କ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ।




**ଗୋକର୍ଣ୍ଣ:** ଯଦି ଆପଣଙ୍କୁ ଅଧିକ କୋଳାହଳ ପସନ୍ଦ ନୁହେଁ, ତା'ହେଲେ କର୍ନାଟକସ୍ଥିତ ଗୋକର୍ଣ୍ଣ ଆପଣଙ୍କ ପାଇଁ ପରଫେକ୍ଟ ଡେଷ୍ଟିନେଶନ ହେବ। କାରଣ ଏଠାକାର ଐତିହାସିକ ମନ୍ଦିରଗୁଡ଼ିକର ଶାନ୍ତ ପରିବେଶ ତଥା ସମୁଦ୍ରତଟର ସୌନ୍ଦର୍ଯ୍ୟ ମନକୁ ବେଶ୍ ଛୁଇଁଯାଏ। ଖାସ୍ କରି ଏଠାକାର ମହାବଳେଶ୍ୱର ମନ୍ଦିରରେ ପ୍ରଭୁଙ୍କର ଦର୍ଶନ କରି ନୂଆବର୍ଷଟି ଭଲରେ କାଟିବା ପାଇଁ ପ୍ରାର୍ଥନା କଲେ ମନକୁ ଖୁବ୍ ଶାନ୍ତି ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି।



**ଗୋଆ:** ଗୋଆ ଏମିତି ଏକ ସ୍ଥାନ ଯେଉଁଠାରେ କ୍ରିସ୍‌ମାସ୍ ଆଉ ନୂଆବର୍ଷକୁ ବେଶ୍ ଆନନ୍ଦ ଉଲ୍ଲାସ ସହକାରେ ପାଳନ କରାଯାଇଥାଏ। ଏହି ବିଶେଷ ଅବସରରେ ଗୋଆର ଚାରିଆଡକୁ ରଙ୍ଗିନ ଆଲୋକମାଳାରେ ଖୁବ୍ ସୁନ୍ଦର ଭାବେ ସଜାଯିବା ସହ ମ୍ୟୁଜିକ୍ ଫେଷ୍ଟିଭାଲ୍‌ର ଆୟୋଜନ କରାଯାଇଥାଏ। ତା'ସହିତ ଗୋଆ ବିଚ୍‌ରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଝଲକ ବି ଦେଖିବାକୁ ମିଳିଥାଏ, ଯାହା ଏକ ନିଆରା ଅନୁଭୂତି ଦେଇଥାଏ।



**ଦିଲ୍ଲୀ:** ଏଠାରେ ଅନେକ ଧାର୍ମିକ ସ୍ଥଳ, ଐତିହାସିକ ପର୍ଯ୍ୟଟନସ୍ଥଳୀ ତଥା ବହୁ ପୁରାତନ ସଂଗ୍ରହାଳୟମାନ ଦେଖିବାକୁ ମିଳିଥାଏ। ଖାସ୍ କରି ଏଠାକାର ଲାଲ୍‌କିଲା, କୁତବମିନାର୍, ଲୋଟସ୍ ଟେମ୍ପଲ ତଥା ଇଣ୍ଡିଆ ଗେଟ୍ ଇତ୍ୟାଦି ବେଶ୍ ଆଖିଦୃଶିଆ ହୋଇଥାଏ। ଏହାକୁ ଦେଖି ଅନେକ ଅଜଣା ତଥ୍ୟ ଜାଣିବା ସହ ପର୍ଯ୍ୟଟକ ଏଠାକାର ସୁସ୍ୱାଦୁ ଖାଦ୍ୟର ମଜା ବି ନେଇପାରିବେ। ତା'ସହିତ ନୂଆବର୍ଷ ଅବସରରେ ଦିଲ୍ଲୀରେ ଶପିଂ କରିବାର ନିଆରା ଆନନ୍ଦ ମଧ୍ୟ ଉପଭୋଗ କରିପାରିବେ।



ତେବେ କେବଳ ଏତିକି ସ୍ଥାନ ନୁହେଁ, ପର୍ଯ୍ୟଟକ ଚାହିଁଲେ କେରଳ, ଆଣ୍ଡାମାନ ନିକୋବର ଦ୍ୱୀପ, ବେଙ୍ଗାଲୁରୁ, କସୌଲି, ଲାକ୍ଷାଦ୍ୱୀପ, ମନାଲି ଭଳି ସ୍ଥାନକୁ ବୁଲି ଯାଇ ନିଆରା ଅନୁଭୂତି ନେବା ସହ ନୂଆବର୍ଷକୁ ବେଶ୍ ଆନନ୍ଦଉଲ୍ଲାସ ସହକାରେ ପାଳନ କରିପାରିବେ।




# ଜଙ୍ଘରେ ମୁହଁ ଲାଗିଥିବା ମଣିଷ



ମଧ ଚାଇନା, ହୁନାନ ପ୍ରାନ୍ତସ୍ଥ ୟୋଙ୍ଗଝୁ ସହରର ୪୬ ବର୍ଷୀୟ ଲି ହୁଆ। ପ୍ରାୟ ୩୦ ବର୍ଷ ତଳେ ସେ ଅଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍ ନାମକ ଏକ ବିରଳ ରୋଗରେ ଆକ୍ରାନ୍ତ ହୋଇଗଲେ। ଆଉ ତାଙ୍କ ମେରୁଦଣ୍ଡ ଆଗପଟକୁ ମୋଡି ହୋଇ ମୁହଁ ଜଙ୍ଘ ସହ ଲାଗିଗଲା। ସେହି ଅବସ୍ଥାରେ ସେ ଦୀର୍ଘ ୩୦ ବର୍ଷ ରହି ଆସୁଥିଲେ। ସେ ପାଲଟିଯାଇଥିଲେ ଜଣେ 'ଫୋଲ୍ଡିଂ ମ୍ୟାନ'। ଖାଇବା ପିଇବା ପୋଷାକ ପିନ୍ଧିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡିଥିଲା। ତାଙ୍କ ପାଖରେ ଚିକିତ୍ସା ପାଇଁ ନ ଥିଲା ଆବଶ୍ୟକ ଅର୍ଥ। ତେଣୁ ତାଙ୍କୁ ଦୀର୍ଘବର୍ଷ ଏଭଳି ରହିବାକୁ ପଡିଥିଲା। ପରେ ତାଙ୍କ ଅବସ୍ଥା ଉପରେ ନଜର ପଡିଥିଲା ଶେନଝେନ୍ ୟୁନିଭର୍ସିଟି ଜେନେରାଲ ହସ୍ପିଟାଲର ସ୍ପାଇନାଲ ସର୍ଜରୀ ଏବଂ ଅର୍ଥୋପେଡିକ୍ସର ପ୍ରଫେସର୍ ତାଓ ହୁଇରେନ୍‌ଙ୍କର। ସେ ଆଗରୁ ଏହି ରୋଗରେ ଆକ୍ରାନ୍ତ ଅନେକ ରୋଗୀଙ୍କର ଚିକିତ୍ସା କରିଥିଲେ। କିନ୍ତୁ ଲି ହୁଆଙ୍କ ଭଳି ଅବସ୍ଥା କେବେ ଦେଖି ନ ଥିଲେ। ଏଭଳି ଅବସ୍ଥା ଯୋଗୁ ତାଙ୍କ ହୃତପିଣ୍ଡ ଓ ଫୁସ୍‌ଫୁସ୍ ଉପରେ ବି ଚାପ ପଡୁଥିଲା। ତେଣୁ ସର୍ଜରୀ ନିହାତି ଜରୁରୀ ଥିଲା। ପ୍ର. ତାଓ ହୁଇରେନ୍ ଚାରୋଟି ଫେଜ୍‌ରେ ଏହି ଅପରେଶନ୍ କରିଥିଲେ। ମେରୁଦଣ୍ଡ ସିଧା କରିବା ଲାଗି ଏହାର କିଛିଅଂଶ ଭାଙ୍ଗିବାକୁ ବି ପଡିଥିଲା। ଅପରେଶନ୍‌ରେ ଅନେକ ବିପଦ ବି ଥିଲା। ତଥାପି ପ୍ର.ହୁଇରେନ୍ ଏହାକୁ ସଫଳଭାବେ କରିପାରିଥିଲେ। ଯଦ୍ୱାରା ଲି ହୁଆ ଏବେ ୱାକର୍ ଧରି ସିଧା ଠିଆ ହେବାରେ ସକ୍ଷମ ହୋଇପାରିଛନ୍ତି।

## କାର୍ଟୁନ କର୍ନର





ତାପସ ସ୍ୱାଇଁ    ଅଜୟ ସ'    ନବଘନ ରାଉଳ

# ମକରକୁ ଆସିବ ଯାତ୍ରା ଜ୍ୟୋତିମହଲ

ଓଡ଼ିଶା ଏକ କଳାର ରାଜ୍ୟ। ପ୍ରଯୁକ୍ତିବିଦ୍ୟା ଯେତେବାଟ ଆଗଉନା କାହିଁକି ଲୋକମାନେ ପାରମ୍ପରିକ କଳାକୁ ଆଗରୁ ଯେମିତି ଗୁରୁତ୍ୱ ଦେଉଥିଲେ ଏବେ ମଧ ସେମିତି ଗୁରୁତ୍ୱ ଦେଉଛନ୍ତି। ସେହି ପାରମ୍ପରିକ କଳା ମଧ୍ୟରେ ଯାତ୍ରା ହେଉଛି ଅନ୍ୟତମ। ଆଉ ପର୍ବପର୍ବାଣି ସମୟ ପାଖେଇ ଆସିଲେ ଓଡ଼ିଶାର ଗାଁ ଗହଳିରେ ଯାତ୍ରାର ଫିଭର ବଢ଼ିଯାଏ। ଆଗକୁ ଆସୁଛି ମକର ସଂକ୍ରାନ୍ତି। ଓଡ଼ିଶାର ଏହା ଏକ ପ୍ରମୁଖ ପର୍ବ ହୋଇଥିବା ବେଳେ ମକରକୁ ଆଖିଆଗରେ ରଖି ଆରମ୍ଭ ହୋଇଛି ନୂଆ ଯାତ୍ରାନୁଷ୍ଠାନ 'ଯାତ୍ରା ଜ୍ୟୋତିମହଲ'। ଭଦ୍ରକ ଜିଲାର ଧାମରା ସ୍ଥିତ ବାଲିମୁଣ୍ଡାଠାରେ ଏହି ଅନୁଷ୍ଠାନର ଶୁଭାରମ୍ଭ ହୋଇଛି। ବଟକୃଷ୍ଣ ପ୍ରଧାନ ଏହାର ପ୍ରୋପ୍ରାଇଟର ଥିବା ବେଳେ ନାଟ୍ୟ ପରିଚାଳକ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି ଆରତବାବୁ। ଯାତ୍ରା ଜଗତର ନାମୀଦାମୀ ଲେଖକ, ନିର୍ଦ୍ଦେଶକ ତଥା ସଙ୍ଗୀତ ନିର୍ଦ୍ଦେଶକଙ୍କୁ ନେଇ ଏହାର ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲୁ ରହିଛି। ପ୍ରଥମ ଦୁଇଟି ନାଟକ 'ଫଗୁଣ ମୋ ପାଇଁ ସାତ ସପନ' ଓ 'ଯେତେ ରାତି ସେତେ ପତି'କୁ ଲୋକପ୍ରିୟ ନିର୍ଦ୍ଦେଶକ ତାପସ ସ୍ୱାଇଁ ନିର୍ଦ୍ଦେଶନା ଦଉଥିବା ବେଳେ ଏହାର ରଚନା କରିଛନ୍ତି ଯଥାକ୍ରମେ ଅଜୟ ସ' ଓ 'ଗୁପ୍ତ ସମ୍ପର୍କ' ଫେମ୍ ନବଘନ ରାଉଳ। ଏହି ଦୁଇଟି ନାଟକରେ ଗୀତ ରଚନା କରିବା ସହିତ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି ମେଲୋଡ଼ି ମେକର ମିହିର ମହାନ୍ତି। ତୃତୀୟ ନାଟକ ହେଉଛି 'ଏନ୍‌କାଉଣ୍ଟର ଇନ୍ସପେକ୍ଟର'। ଜଣାଶୁଣା ନାଟ୍ୟକାର ଦାମ ପ୍ରଧାନ ଏହାକୁ ରଚନା କରିଥିବା ବେଳେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ଯୋଗେନ୍ଦ୍ର ମଲ୍ଲିକ। ତାପସ ଦାସ (ଟିଟନ୍) ଏହି ନାଟକ ପାଇଁ ଗୀତ ତଥା ସଙ୍ଗୀତ ଦାୟିତ୍ୱ ନିର୍ବାହ କରୁଛନ୍ତି। ଗୋପାଳ ରଥ, ସପନି, ପ୍ରଫୁଲ୍ଲ, ମିଲି, ପୂଜା, ଉଦ୍ଧବ, ରୋହିତ, କମଳ, ହେମନ୍ତ, ମୁନ୍ନା, ଲିଲି ପ୍ରମୁଖ ଓଡ଼ିଶାର ନାମକରା କଳାକାରମାନେ ଏଥିରେ ଅଭିନୟ କରୁଛନ୍ତି। ଖୁବ୍ ଶୀଘ୍ର ଏହା ପ୍ରମୁଖ ଯାତ୍ରାସ୍ରୋତରେ ସାମିଲ ହେବ ବୋଲି ଆଶା କରାଯାଉଛି।

# ଜୀବିକା ଯୋଗାଉଛି ଯାତ୍ରା

ଯାତ୍ରା ଏମିତି ଏକ ଲୋକକଳା ଯାହା କେବଳ ଖୁସି ଦିଏନି, ବହୁ ପରିବାରକୁ ଜୀବିକା ଯୋଗାଇଥାଏ। ଶହ ଶହ ଲୋକ ଏଠାରେ କାମ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଇଥାନ୍ତି। ଏ କଥା କହନ୍ତି ଦୀର୍ଘ ବାରବର୍ଷ ଧରି ବିଭିନ୍ନ ଯାତ୍ରା ଅନୁଷ୍ଠାନରେ ସହ ପରିଚାଳକର ଦାୟିତ୍ୱ ନିର୍ବାହ କରିଥିବା ସୌମ୍ୟରଞ୍ଜନ ପାତ୍ର। ୧୨ବର୍ଷ ତଳେ ସେ ଯେତେବେଳେ ଯାତ୍ରାକୁ ଆସିଲେ ସେତେବେଳେ ଯାତ୍ରାକୁ ଭଲ ଭାବରେ ଜାଣି ନ ଥିଲେ। ଦିନ ଗଡ଼ିବା ସହିତ ସେ ଧୀରେ ଧୀରେ ଯାତ୍ରାକୁ ଚିହ୍ନିଲେ ଆଉ ବୁଝିଲେ। ସେ କହନ୍ତି, ଲୋକମାନଙ୍କୁ ଖୁସି ଦେଉଥିବା ଯାତ୍ରାରେ ରହିଛି ଅନେକ ସମସ୍ୟା। ସମସ୍ୟାର ଆରମ୍ଭ କେଉଁଠୁ ବୋଲି ପ୍ରଶ୍ନର ଉତ୍ତରରେ ସୌମ୍ୟ କହନ୍ତି : ରାତାରାତ୍ କଳାକାରଙ୍କ ଦରମା ଆକାଶକୁ ଛୁଇଁଯିବାଠୁ ଆରମ୍ଭ ହୋଇଛି ସମସ୍ୟା। କଳାକାରମାନେ ଅଧିକ ଟଙ୍କା ନେଉଥିବାରୁ ମାଲିକମାନେ କମିଟି ଠାରୁ ଅଧିକ ଟଙ୍କା ଦାବି କରୁଛନ୍ତି। କମିଟି ଅଧିକ ଟଙ୍କା ଦେଉଛି। ମାତ୍ର ଟିକେଟ ବିକ୍ରିରୁ ସେତିକି ଟଙ୍କା ଉଠୁନି। କାରଣ ଟିକେଟ ରେଟ୍ ବଢ଼ିବାରୁ ଲୋକମାନେ ଅଧିକ ପରିମାଣରେ ଯାତ୍ରା ଦେଖୁନାହାନ୍ତି। ସିଟ୍ ଖାଲି ପଡୁଛି। ତେବେ ହଠାତ୍ କଳାକାରଙ୍କ



ସୌମ୍ୟ

ଦରମା ବଢ଼ିବାର କାରଣ କ'ଣ ? ସୌମ୍ୟ କହନ୍ତି : ପ୍ରତ୍ୟେକ ବର୍ଷ ହୁ ହୁ ହୋଇ ନୂଆ ପାର୍ଟି ଗଢ଼ି ଉଠୁଛି। ମାତ୍ର କଳାକାରଙ୍କ ସଂଖ୍ୟା ହାତଗଣତି। ନୂଆ କଳାକାର ସୃଷ୍ଟି ହେଉ ନାହାନ୍ତି। ଫଳରେ କଳାକାରମାନେ ସେମାନଙ୍କ ଡିମାଣ୍ଡ ଅନୁଯାୟୀ ଦରମା ବଢ଼ାଉଛନ୍ତି। ମାଲିକମାନେ ବି କଳାକାରଙ୍କ ନିକଟରେ ନାଚାର ହୋଇ ରହୁଛନ୍ତି ବୋଲି ଶୁଣାଯାଏ। ଏହା କେତେ ପରିମାଣରେ ସତ ? ସୌମ୍ୟ କହନ୍ତି, ଏହା ଶହେରୁ ଶହେ ପ୍ରତିଶତ ସତ। କଳାକାରମାନେ ବର୍ଷ ଆରମ୍ଭରୁ ଟଙ୍କା ନେଇ ଯାଉଛନ୍ତି। ଯଦି ମାଲିକ ସେମାନଙ୍କ କଥା ଅନୁଯାୟୀ କାମ ନ କରିବ ତା'ହେଲେ ସେମାନେ ପାର୍ଟି ଛାଡ଼ିଦେବେ। ମଝିରୁ ଜଣେ କଳାକାର ଯଦି ପାର୍ଟି ଛାଡ଼ିଦେବ ତା'ହେଲେ ମାଲିକ ବିଚରା କ'ଣ କରିବ ? ତେଣୁ ବାଧ ହେଇ ସେ ନୀରବ ରହୁଛି। ଆଉ ଏହି ନୀରବତା ବି ଭୟଙ୍କର ସମସ୍ୟା ସୃଷ୍ଟି କରୁଛି। କଳାକାରମାନେ ନିଜ ମର୍ଜି ଅନୁଯାୟୀ ନାଟକ ସିଲେକଶନ କରୁଛନ୍ତି। ନାଟ୍ୟକାର ଡିରେକ୍ଟରମାନଙ୍କୁ ସେମାନଙ୍କ ଇଚ୍ଛା ଅନୁସାରେ କାମ କରିବାକୁ ଦେଉନାହାନ୍ତି। ଏମିତି ବି ହୋଇଛି ନାଟ୍ୟକାର ଡିରେକ୍ଟରମାନେ ଅଧା କାମ କରି ସାରିଥିଲେ ବି କଳାକାରମାନେ ସେମାନଙ୍କୁ ଫେରେଇ ଦେଇଛନ୍ତି। ମାଲିକ ଚୁପ୍। ଜଣେ ସହ-ପରିଚାଳକ ଭାବରେ ଆପଣ କ'ଣ ଭାବନ୍ତି ଯେ, ଏ ସମସ୍ୟାର ସମାଧାନ ନାହିଁ ? ଏ ପ୍ରଶ୍ନର ଉତ୍ତର ଦେଇ ଜଗତ୍‌ସିଂହପୁର ଜିଲା ବାଇଶ ମଉଜା ଅନ୍ତର୍ଗତ ସାନଖରମଙ୍ଗା ଗ୍ରାମରେ ଜନ୍ମିତ ସୌମ୍ୟରଞ୍ଜନ ପାତ୍ର କୁହନ୍ତି, ସମାଧାନ ନିଶ୍ଚିତ ଅଛି। ଏଥିପାଇଁ ଯାତ୍ରାନୁଷ୍ଠାନର ମାଲିକମାନଙ୍କୁ ଏକତ୍ର ହୋଇ ଆଲୋଚନା କରିବାକୁ ପଡ଼ିବ। ଯାତ୍ରାକୁ ଭଲ ବାଟକୁ ଆଣିବା ପାଇଁ ଏ ଉଦ୍ୟମ ଯଥାଶୀଘ୍ର କରାଯାଉ ବୋଲି କହନ୍ତି 'ଅପେରା ସୂର୍ଯ୍ୟମନ୍ଦିର'ରେ କାର୍ଯ୍ୟ କରୁଥିବା ଏହି ସହ ପରିଚାଳକ।

# ପାଠ ପଢ଼େଇବାର ଅଭିନବ ତରିକା

ଭେରୋନିକା ଡକ୍! ସେ ବିଜ୍ଞାନ, ଇଂଲିଶ ଏବଂ ସ୍ପାନିଶ ଭାଷାର ଶିକ୍ଷୟିତ୍ରୀ। ତେବେ ସେ ଏମିତି ଜଣେ ମହିଳା ଯିଏ ଚାହାନ୍ତି ତାଙ୍କର ଛାତ୍ରୀଛାତ୍ରମାନେ ଭଲଭାବରେ ଜ୍ଞାନ ହାସଲ କରନ୍ତୁ। କୌଣସି ବି ବିଷୟରେ ତ୍ରୁଟିପୂର୍ଣ୍ଣ ଶିକ୍ଷା ଦେବାକୁ ସେ ପ୍ରୟାସ କରନ୍ତି ନାହିଁ। ସେଦିନ କ୍ଲାସ୍‌ରେ ତାଙ୍କର ହ୍ୟୁମାନ ଆନାଟୋମି (ମଣିଷ ଶରୀର ସମ୍ବନ୍ଧୀୟ ଶିକ୍ଷା) ପଢ଼େଇବାର ଥିଲା। ସେ ମଧ ଯାଇ ପାଠ ପଢ଼େଇଲେ। ମାତ୍ର ତାଙ୍କର ହୃଦ୍‌ବୋଧ ହେଲା ଯେ, ପିଲାମାନେ ମଣିଷ ଶରୀରର ଅଙ୍ଗପ୍ରତ୍ୟଙ୍ଗ ବିଷୟରେ ଠିକ୍ ଭାବରେ ବୁଝିପାରୁ ନାହାନ୍ତି। ସେ ପାଠ ପଢ଼ଉଥିବା ପିଲାମାନଙ୍କର ବୟସ ଥିଲା ୮ରୁ ୯ବର୍ଷ ମଧ୍ୟରେ। ପାଠ ହେଉଛି ହ୍ୟୁମାନ୍ ଆନାଟୋମି। ତେଣୁ ସେ ଏକ ଉପାୟ ବାହାର କଲେ। ଏକ ସ୍ୱତନ୍ତ୍ର ଧରଣର ପୋଷାକ ପ୍ରସ୍ତୁତ କଲେ, ଯେଉଁଥିରେ ମଣିଷ ଶରୀର ଭିତରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗକୁ ଚିତ୍ରିତ କରାଯାଇଥିଲା। ଯେଉଁଠି ହାର୍ଟ ରହିବା କଥା ସେଠାରେ ହାର୍ଟର ଚିତ୍ର କରାଯାଇଥିଲା। ଯେଉଁଠି ଅନ୍ତ୍ରନଳୀ ରହିବା କଥା ସେଠାରେ ଅନ୍ତ୍ରନଳୀର ଚିତ୍ର ଅଙ୍କା ଯାଇଥିଲା। ସେହି ପୋଷାକ ପିନ୍ଧି ଭେରୋନିକା କ୍ଲାସ୍‌ରୁମ୍‌ରେ ପହଞ୍ଚିଲେ। ଆଉ ପିଲାମାନଙ୍କୁ ହ୍ୟୁମାନ ଆନାଟୋମି ପଢ଼େଇଲେ। ଏଥର ପିଲାମାନଙ୍କୁ ଆଉ ହ୍ୟୁମାନ ଆନାଟୋମି ବୁଝିବାରେ କୌଣସି ଅସୁବିଧା ହୋଇ ନ ଥିଲା। ତେବେ କଥା ସେତିକିରେ ସୀମିତ ରହିଲା ନାହିଁ। ତାଙ୍କର ଏପରି ପାଠପଢ଼ା ସମ୍ବନ୍ଧରେ ଲୋକମାନେ ଜାଣନ୍ତୁ ବୋଲି ଚାହିଁଲେ ତାଙ୍କ ସ୍ୱାମୀ ଏବଂ ତାଙ୍କର ଫଟୋକୁ ସେ ଫେସ୍‌ବୁକ୍‌ରେ ଅପଲୋଡ଼ କରିଦେଲେ। ଫେସ୍‌ବୁକ୍‌ରେ ଭେରୋନିକାଙ୍କର ଏପରି ଉଦ୍ୟମକୁ ବହୁଭାବରେ ପ୍ରଶଂସା କରାଯାଇଛି।



ବ୍ୟାକ୍ ପେଜ୍






# ୱେଭି ଲିପ୍ସ

ଫ୍ୟାଶନ୍ ବଦଳୁଛି। ବଦଳୁଛି ଟ୍ରେଣ୍ଡ। ସୁନ୍ଦର, ଷ୍ଟାଇଲିସ୍ ଓ ଆକର୍ଷଣୀୟ ଲାଗିବା ପାଇଁ ସମସ୍ତେ ସେହି ଫ୍ୟାଶନ୍‌ର ନୂଆ ଟ୍ରେଣ୍ଡକୁ ଆପଣେଇଥାଆନ୍ତି। ଏମିତିକି ଫ୍ୟାଶନ ଅଜବ ହେଲେବି ତାକୁ ଆପଣେଇବାକୁ ପଛାନ୍ତି ନାହିଁ। ଯେମିତିକି ଏବେ ୱେଭି ଲିପ୍ସର ଫ୍ୟାଶନ୍ ଆରମ୍ଭ ହୋଇଛି। କେହି କେହି ଏହାକୁ ଡେଭିଲ ଲିପ୍ସ ବା ଅକ୍ଟୋପସ୍ ଲିପ୍ସ କହୁଛନ୍ତି। କସ୍ମେଟିକ୍ ସର୍ଜରୀ କରାଇ ଓଠର ଚାରିପଟ ଧାରରେ ଫିଲର୍ ଭର୍ତ୍ତି କରାଯାଏ। ଖାସ୍‌କରି ଉପର ଓଠର ଧାରରେ ଫିଲର୍ ଦେଇ ଲହଡି ବା ୱେଭି ଲୁକ୍ ଦିଆଯାଏ। ଏହି ବ୍ୟୁଟି ଟ୍ରେଣ୍ଡ କେଉଁଠୁ ଓ କିଏ ଆରମ୍ଭ କରିଛି ଠିକ୍‌ଭାବେ ଜଣା ନାହିଁ। ହେଲେ କୁହାଯାଉଛି ରୁଷୀୟ ପ୍ଲାଷ୍ଟିକ ସର୍ଜନ ଏମିଲିଆନ୍ ବ୍ରଡ୍ ଏହି ଟ୍ରେଣ୍ଡକୁ ଆରମ୍ଭ କରିଥିଲେ। ରୁଷ୍‌ରେ ଏହାର ଲୋକପ୍ରିୟତା ବଢିଥିବା ଜଣାଯାଏ। ତେବେ କିଛି ପ୍ଲାଷ୍ଟିକ ସର୍ଜନଙ୍କ ମତରେ ଏଭଳି ୱେଭି ଲିପ୍ସ କରିବା ବିପଜ୍ଜନକ। ତେଣୁ ଏହାକୁ ନ ଆପଣେଇବାକୁ ପରାମର୍ଶ ଦେଉଛନ୍ତି।


# ଗୋଟିଏ ଘର ଥିବା ସବୁଠୁ ଛୋଟ ଦ୍ୱୀପ

ବେଳେ ବେଳେ ଅନେକଙ୍କ ଇଚ୍ଛା ହେଉଥିବ ଏକ ନିରୋଳା ଦ୍ୱୀପରେ, ଏକ ସୁନ୍ଦର ଘରେ କିଛି ନିରୋଳା ମୁହୂର୍ତ୍ତ ବିତାଇବାକୁ। ହେଲେ ତାହା କେବଳ ଭାବନାରେ ରହିଯାଏ। ତେବେ ଏମିତି ଏକ ଦ୍ୱୀପ ଅଛି, ଯାହାକୁ ଦେଖିଲେ ସେ ସ୍ୱପ୍ନ ପୁଣିଥରେ ଉଜାଗର ହୋଇ ଉଠିବ। ଏହି ଦ୍ୱୀପଟି ଆମେରିକା ଓ କାନାଡା ମଧ୍ୟରେ ଥିବା ହଜାର ହଜାର ଦ୍ୱୀପପୁଞ୍ଜ ମଧ୍ୟରେ ଅନ୍ୟତମ। ୩,୩୦୦ ବର୍ଗଫୁଟ୍ ପରିମିତ ଏହି ଦ୍ୱୀପରେ ଅଛି ଗୋଟିଏ ମାତ୍ର ଘର ଓ କିଛି ଗଛ। କାରଣ ଏହା ବ୍ୟତୀତ ଆଉ କିଛି ରହିବା ପାଇଁ ଏଠାରେ ଜାଗା ନାହିଁ। ଦ୍ୱୀପର ଆକାର ଏକ ଟେନିସ୍ କୋର୍ଟ ସହ ସମାନ । ତେଣୁ ଏହା 'ଜଷ୍ଟ ରୁମ୍ ଏନଫ୍' ନାମରେ ବି ପରିଚିତ। ଯଦିଓ ପୂର୍ବରୁ ଏହା 'ହବ୍ ଆଇଲାଣ୍ଡ' ନାମରେ ପରିଚିତ ଥିଲା। ୧୯୫୦ଦଶକରେ ସାଇଜ୍‌ଲାଣ୍ଡ ପରିବାର ଏହି ଦ୍ୱୀପକୁ କିଣିଥିଲେ। ପରେ ଏହି ପରିବାରର ଲୋକ ଏଠାରେ ଏହି ଛୋଟଘର ତିଆରି କରିଥିଲେ। ଉଦ୍ଦେଶ୍ୟ ଥିଲା ଛୁଟିରେ ଏଠାକୁ ଆସି ଶାନ୍ତିରେ କିଛି ସମୟ ବିତାଇବେ। କିନ୍ତୁ ପରବର୍ତ୍ତୀ ସମୟରେ ଏହା ଅନ୍ତର୍ଜାତୀୟ ସ୍ତରରେ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଗଲା। ସୂଚନାଯୋଗ୍ୟ ଯେ, ପୂର୍ବରୁ 'ବିଶପ୍ ରକ୍' ଥିଲା ପୃଥିବୀର ସବୁଠାରୁ ଛୋଟ ଦ୍ୱୀପ। ହେଲେ ଏବେ ଏହାର ଅଧା ଆକାରର 'ଜଷ୍ଟ ରୁମ ଏନଫ୍' ପୃଥିବୀର ସବୁଠୁ ଛୋଟ ଦ୍ୱୀପ ଭାବେ ପରିଚିତ।



# ଘଣ୍ଟାରେ ବାଜେନି ୧୨ଟା

ଦିନକୁ ୨୪ ଘଣ୍ଟା ହିସାବରେ ସବୁ ଘଣ୍ଟାରେ ୧୨ ପର୍ଯ୍ୟନ୍ତ ଅଙ୍କ ଥାଏ। କିନ୍ତୁ ଏମିତି ଏକ ଅଜବ ଘଣ୍ଟା ଅଛି ଯାହାର ନାହିଁ ୧୨ ଅଙ୍କ। ଉକ୍ତ ଘଣ୍ଟାରେ କେବଳ ୧୧ ପର୍ଯ୍ୟନ୍ତ ଅଙ୍କ ରହିଛି। ଘଣ୍ଟାଟି ସୁଇଜରଲାଣ୍ଡର ସୋଲୋଥର୍ନ ସହରରେ ଅଛି। ଉକ୍ତ ସହରର ଟାଉନ ସ୍କୋୟାର୍‌ରେ ଏହି ଘଣ୍ଟା ଅଛି, ଯାହାର ମାତ୍ର ୧୧ ପର୍ଯ୍ୟନ୍ତ ଅଙ୍କ



ରହିଛି। ୧୨ ଅଙ୍କ ନାହିଁ। କେବଳ ଏହି ଘଣ୍ଟା ନୁହେଁ ଏଠାରେ ଆହୁରି ବି ଅନେକ ଘଣ୍ଟାରେ ୧୨ ଅଙ୍କ ନାହିଁ। ତେଣୁ ଏହି ଘଣ୍ଟାଗୁଡିକରେ ୧୨ଟା ବାଜି ନ ଥାଏ। ଏହି ସହର ଲୋକଙ୍କର ୧୧ ଅଙ୍କ ପ୍ରତି ବହୁତ ଭଲ ପାଇବା ରହିଛି। ତେଣୁ ଏଠାରେ ପ୍ରାୟ ସବୁ ଜିନିଷ ୧୧ ଡିଜାଇନ୍ ଭଳି ହୋଇଥାଏ। ଏଠାରେ ଥିବା ଚର୍ଚ୍ଚ ଓ ଚାପେଲର ସଂଖ୍ୟା ବି ୧୧-୧୧ ଅଟେ। ଏହାବ୍ୟତୀତ ଏଠାକାର ସଂଗ୍ରହାଳୟ, ଐତିହାସିକ ଟାୱାର ବି ୧୧ଟି ଅଛି। ଏଠାକାର ସେଣ୍ଟ୍ ଉର୍ସୁସ୍‌ର ମୁଖ୍ୟ ଚର୍ଚ୍ଚରେ ୧୧ ନମ୍ବରର ମହତ୍ତ୍ୱ ଦେଖିବାକୁ ମିଳିଥାଏ। ଉକ୍ତ ଚର୍ଚ୍ଚ ୧୧ ବର୍ଷରେ ନିର୍ମାଣ ହୋଇଥିଲା। ଏଠାରେ ତିନୋଟି ଶିଡିର ସେଟ୍ ରହିଛି ଆଉ ପ୍ରତି ସେଟ୍‌ରେ ୧୧ଟି ପାହାଚ ଅଛି। ଏହାବ୍ୟତୀତ ଏଠାରେ ୧୧ଟି କବାଟ ଓ ୧୧ଟି ଘଣ୍ଟି ଅଛି। ଏଠାକାର ଲୋକ ୧୧ ନମ୍ବରକୁ ଏତେ ଭଲ ପାଆନ୍ତି ଯେ, ୧୧ତମ ଜନ୍ମଦିବସକୁ ଧୁମ୍‌ଧାମ୍‌ରେ ପାଳନ କରନ୍ତି। ଏହିଦିନ ଲୋକେ ୧୧ ନମ୍ବର ସହିତ ଜଡିତ ଉପହାର ବି ଦେଇଥାଆନ୍ତି। ବିଶ୍ୱାସ କରାଯାଏ ବହୁ ବର୍ଷ ପୂର୍ବେ ସୋଲୋଥର୍ନର ଲୋକେ ପରିଶ୍ରମ କରି ବି ଖୁସି ରହିପାରୁ ନ ଥିଲେ। ଦିନେ ପାହାଡରୁ କିଛି ଏଲ୍ଫ ଆସି ଲୋକଙ୍କ ଆତ୍ମବିଶ୍ୱାସ ବଢାଇଲେ। ଆଉ ଧୀରେ ଧୀରେ ସେମାନେ ଖୁସିରେ ରହିବାକୁ ଲାଗିଲେ। କୁହାଯାଏ ଏଲ୍ଫଙ୍କ ପାଖରେ ଅଲୌକିକ ଶକ୍ତି ଥିଲା ଓ ଜର୍ମାନ ଭାଷାରେ ଏଲ୍ଫର ଅର୍ଥ ହେଉଛି ୧୧। ସେବେଠାରୁ ଏଠାକାର ଲୋକେ ୧୧ ନମ୍ବରକୁ ଭଲ ପାଇ ଆସୁଛନ୍ତି।